## ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା

# ନଳକୂପ ଓ ଜଳଯୋଗାଣ ପ୍ରକଳ୍ପ ଅଚଳ

ସମ୍ବଲପୁର,୮।୪(ସମିସ)

ଅହେତୁକ ମାତ୍ରାରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏଭଳି ସମୟରେ ପାନୀୟ ଜଳସଂଙ୍କଟ ଜନଜୀବନକୁ ଆହୁରି ବିବ୍ରତ କରୁଛି। ଗ୍ରାମାଞ୍ଚଳରେ ବିଶେଷ ଭାବେ ଏହି ସମସ୍ୟା ହୋଇଛି। ଗ୍ରାମାଞ୍ଚଳରେ ଥିବା ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଥିବା ତଥା ଜଳଯୋଗାଣ ପ୍ରକଳ୍ପ କାମ କରୁ ନଥିବା ଦେଖାଯାଉଛି। ଖରାଦିନିଆ

### ଚାଲିଛି ମରାମତି ଗଠନ ହୋଇଛି ଟିମ୍

ଜଳ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ସୁଗମ କରିବାକୁ ବିଭାଗୀୟ ଅଧିକାରୀମାନଙ୍କ ବୈଠକ ମଧ ହୋଇଛି। ସମସ୍ତ ନଳକୂପ ମରାମତି କରିବା, ମରାମତି ଯନ୍ତ୍ର କ୍ରୟ ନିମନ୍ତେ କମିଟି ଗଠନ, ଜଳଯୋଗାଣ ଉତ୍ସ ଯାଞ୍ଚ, ଭ୍ରାମ୍ୟମାଣ ଟିମ୍ ମାଧମରେ ଜଳଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧମରେ ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ସ୍କୁଲ ଓ ଅଙ୍ଗନାବାଡ଼ି କେନ୍ଦ୍ରରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ସକାଳ



୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବିଭାଗୀୟ ଅଧିକାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ଖାତିର୍ କରୁନଥିବା ଦେଖାଯାଉଛି। ଗ୍ରାମାଞ୍ଚଳରେ ପିଇବାକୁ ମିଳୁନି ପାଣି। ବିଶୁଦ୍ଧ ପାନୀୟ ଜଳଯୋଗାଣ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଗ୍ରାମାଞ୍ଚଳ ଲୋକେ ପିଇବାକୁ ପାଣି ପାଉନାହାଁନ୍ତି। ଅଧିକାଂଶ ନଳକୂପ ଖରାଦିନ ଆରମ୍ଭରୁ ଅଚଳ ହୋଇଗଲାଣି, ଖରାପ ହୋଇପଡ଼ିଛି। ପାଣି ପାଇଁ ହଇରାଣ ହେଉଛନ୍ତି ଲୋକେ। ପିଇବା ପାଣି ପାଇଁ ଗାଁରେ ଥିବା ଗୋଟିଏ ନଳକୂପ ନିକଟରେ ଠୁଳ ହେଉଛନ୍ତି ଲୋକେ। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗାଁରେ ଦୁଇଟି ନଳକୂପ ବସାଇବା ସହ ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ଦାବି ହେଉଛି। ଅନେକ ସ୍ଥାନରେ ପ୍ରକଳ୍ପ ଅଛି ସତ କିନ୍ତୁ ପାଣି ଆସୁନାହିଁ। ଅନେକ ପ୍ରକଳ୍ପରୁ ମଇଳା ପାଣି ବାହାରୁଥିବାରୁ ବ୍ୟବହାର ଅନୁପଯୋଗୀ ହୋଇଛି। ଗ୍ରାମବାସୀ ପାନୀୟ ଜଳ ସଙ୍କଟ ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କେଉଁଠାରେ ନଳକୂପରୁ ଆବଶ୍ୟକ ପାଣି ବାହାରୁନି ତ ଆଉ କେଉଁଠାରେ ନଳକୂପରୁ ମଇଳା ପାଣି ବାହାରୁଥିବା ଯୋଗୁଁ ବ୍ୟବହାର କରି ହେଉନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟ କୌଣସି ଉପାୟ ନପାଇ ଗ୍ରାମବାସୀ ଗ୍ରାମରେ ଥିବା ନଦୀନାଳରେ ଚୁଆ ଖୋଲି ପାଣି ବ୍ୟବହାର କରୁଥିବା ଦେଖାଯାଉଛି। ଚୁଆ ଏବଂ କୂଅରୁ ପାଣି ନେବା ପାଇଁ ପ୍ରତ୍ୟେକ ଦିନ ମହିଳାମାନଙ୍କ ଲମ୍ବା ଲାଇନ ଲାଗୁଥିବା ଦେଖିବାକୁ ମିଳୁଛି। ଗ୍ରାମଗୁଡ଼ିକରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖାଦେବା ସହିତ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପ ଓ ପ୍ରକଳ୍ପଗୁଡ଼ିକ ଅଭିଯୋଗ ହେବା ପରେ ତୁରନ୍ତ ମରାମତି କରାଯାଉଛି। ସ୍ୱତନ୍ତ୍ର ଭାବେ ଟିମ୍ ଗଠନ କରାଯାଇଛି। ଯେଉଁଭଳି ଭାବେ ପାନୀୟ ଜଳ ସମସ୍ୟା ନହେବ କାମ କରାଯାଉଥିବା ଆରଡବ୍ଲ୍ୟୁଏସ୍ଏସ୍ ଏସ୍ଇ କହିଛନ୍ତି।

## କୁଚିଣ୍ଡା ନିର୍ବାଚନମଣ୍ଡଳୀ

# ଏଥର ଭୋଟ ଦେବେ ୨ଲକ୍ଷ ୨୦ହଜାର ଭୋଟର

**କୁଚିଣ୍ଡା, ୮।୪(ସମିସ):** ଓଡ଼ିଶାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଯାଇଛି। ସମ୍ବଲପୁର ଲୋକସଭା ଓ ବିଧାନସଭା କ୍ଷେତ୍ର ପାଇଁ ୨୫ମେ'ରେ ମତଦାନ ହେବ। ଏଥିପାଇଁ ସମସ୍ତ ରାଜନୈତିକ ଦଳ ରାଜନୈତିକ ମଇଦାନକୁ ଓହ୍ଲାଇଗଲେଣି। ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିଥିବାବେଳେ କଂଗ୍ରେସ ଏ ପର୍ଯ୍ୟନ୍ତ ତାର ପ୍ରାର୍ଥୀ ଘୋଷଣା କରିନାହିଁ। ଲୋକସଭା ପାଇଁ ବିଜେଡି ତାର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଙ୍କ ନାମ ଘୋଷଣା କରିଥିବାବେଳେ ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିଛି। କୁଚିଣ୍ଡା ବିଧାନସଭା କ୍ଷେତ୍ର ପାଇଁ ବିଜେପି ରବିନାରାୟଣ ନାଏକଙ୍କ ନାମ ଘୋଷଣା କରିଥିବାବେଳେ ଏ ପର୍ଯ୍ୟନ୍ତ ବିଜେଡି କି କଂଗ୍ରେସ ତା'ର ପ୍ରାର୍ଥୀ ଘୋଷଣା କରିନାହିଁ। କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଗତ ୨୦୧୯ ନିର୍ବାଚନରେ ୨ଲକ୍ଷ ୧୬ ହଜାର ୫୬୭ ଭୋଟର ଥିବାବେଳେ ୧ଲକ୍ଷ ୭୧ହଜାର ୨୫୮ଭୋଟର ତାଙ୍କର ମତ ଦେଇଥିଲେ। ଗତ ନିର୍ବାଚନରେ ବିଜେଡିରୁ କିଶୋର ଚନ୍ଦ୍ର ନାଏକ, ବିଜେପିରୁ ରବି ନାରାୟଣ ନାଏକ ଓ କଂଗ୍ରେସରୁ ଶୋଭରାମ ପ୍ରଧାନ ମଇଦାନକୁ ଓହ୍ଲାଇଥିଲେ। ବିଜେଡି ପ୍ରାର୍ଥୀ କିଶୋର ଚନ୍ଦ୍ର ନାଏକ ୭୧ହଜାର ୬୦୧ ଭୋଟ ପାଇଥିବାବେଳେ ବିଜେପିର ରବି ନାରାୟଣ ନାଏକ ୬୯ହଜାର ୯୩ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ଶୋଭରାମ ପ୍ରଧାନ ୨୪ହଜାର ୭୯୫ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀଠାରୁ ୩୫୦୮ଭୋଟ ବିଜେଡି ପ୍ରାର୍ଥୀ ଅଧିକ ପାଇ କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଧାୟକ ହୋଇଥିଲେ। ୨୦୨୪ମସିହା ସାଧାରଣ ନିର୍ବାଚନରେ କୁଚିଣ୍ଡା ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୨୦ହାଜର ୫୧୬ ଥିବାବେଳେ ଏମାନଙ୍କ ମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୭ହଜାର ୯୮୭, ମହିଳା ଭୋଟର ୧ଲକ୍ଷ ୧୨ ହଜାର ୫୨୭ ଏବଂ ତୃତୀୟ ଲିଙ୍ଗୀ ୨ଜଣ ରହିଛନ୍ତି।

# ରେଢ଼ାଖୋଲରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ



**ରେଢ଼ାଖୋଲ, ୮।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଧାନସଭାରେ ବିଜେପି ପକ୍ଷରୁ ନିର୍ବାଚନୀ ସଭାରେ ଯୋଗଦେବା ସହ ଭିମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ କହିଥିଲେ, ସନ୍ଥକବି ଭୀମଭୋଇଙ୍କ ବାଣୀ କେବଳ ଓଡ଼ିଆ ଭାଷାସାହିତ୍ୟକୁ ଋଦ୍ଧିମନ୍ତ କରିଛି ତା ନୁହଁ ବରଂ ଏହା ଆମ ସମସ୍ତଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିଛି। ପରେ ରେଢାଖୋଲର ଇଷ୍ଟ ଦେବତା ପଞ୍ଚଖଣ୍ଡାଙ୍କ ଦର୍ଶନ କରିବା ସହ ଶ୍ରୀରାମ ମନ୍ଦିରରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଉଭୟ ମନ୍ଦିରରେ କିଛି ସମୟ ବିତାଇ ପୂଜକ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଭୀମଭୋଇ କଲେଜସ୍ଥିତ କଲ୍ୟାଣ ମଣ୍ଡପଠାରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀ କର୍ମୀମାନଙ୍କ ସହିତ ଏକ ସାଧାରଣ ବୈଠକରେ ଆଲୋଚନା କରିଥିଲେ। ଏହି ବୈଠକରେ ସ୍ଥାନୀୟ ପ୍ରାର୍ଥୀ ଓ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସମ୍ବଲପୁରରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ରେଣ୍ଡୋମାଇଜେସନ କାର୍ଯ୍ୟ ଶେଷ

**ସମ୍ବଲପୁର, ୮।୪(ସମିସ):** ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅଧିନରେ ଆସୁଥିବା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଇଭିଏମ୍ ରାଣ୍ଡୋମାଇଜେସନ କାର୍ଯ୍ୟ ଆଜି ଜିଲ୍ଲାର ଇଭିଏମ୍ ଓ ଭିଭିପାଟ ୱେର୍ ହାଉସ୍‌ରେ ଶେଷ ହୋଇଛି। ଏହାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ ତତ୍ତ୍ୱାବଧାନ ଏବଂ ନିରୀକ୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ, ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ଜାତୀୟ ଏବଂ ରାଜ୍ୟସ୍ତରର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଇଭିଏମ୍, ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଏବଂ ଭିଭିପାଟ୍ ଆଦିକୁ ନିରପେକ୍ଷ ଭାବେ ସଫ୍ଟୱେର ମାଧ୍ୟମରେ ରାଣ୍ଡୋମାଇଜେସନ କରାଯାଇଥିଲା। ଏପରି କରିବା ଫଳରେ ଏକ ସ୍ୱଚ୍ଛ ଏବଂ ପାରଦର୍ଶୀ ନିର୍ବାଚନ ନିମନ୍ତେ ମୂଳଦୂଆ ପକାଇ ରଖାଯାଇଥିଲା। ଇଭିଏମ୍ ଗୁଡ଼ିକର ରେଣ୍ଡୋମାଇଜେସନ ହେଲାପରେ ଏହାର ଏକକିତା ନକଲ ଉପସ୍ଥିତ ଥିବା ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ସଫ୍ଟୱେର ବ୍ୟବହାର କରି ମାନବୀୟ ହସ୍ତକ୍ଷେପକୁ କମ୍ କରି ନିର୍ବାଚନକୁ ଅଧିକ ପାରଦର୍ଶୀ କରିବାକୁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ଏହାପୂର୍ବରୁ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଏହି ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ପରେ ରାଣ୍ଡୋମାଇଜ ହୋଇଥିବା ଏହି ଇଭିଏମ୍ ସବୁକୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଥିବା ଷ୍ଟ୍ରଙ୍ଗରୁମ୍‌କୁ ଦୃଢ଼ ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ପଠାଇ ଦିଆଯିବ। ଆଗାମୀ ଦିନରେ ଏହି ରେଣ୍ଡୋମାଇଜେସନ ପ୍ରକ୍ରିୟା ଜାରି ରହିବ ଯାହା ଫଳରେ ପୁଲିଂ ବୁଥ୍ ଗୁଡ଼ିକୁ ନ୍ୟାୟ ସଙ୍ଗତଭାବେ ପାରଦର୍ଶୀ ଏବଂ ସୁରକ୍ଷା ନିୟମକୁ ଅନୁପାଳନ କରି ଇଭିଏମ୍ ସବୁ ପଠାଯାଇପାରିବ।

# ବୃଦ୍ଧାଙ୍କୁ ଠେଙ୍ଗାରେ ପିଟି ହତ୍ୟା

**ରେଙ୍ଗାଲି, ୮।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କିଶନ ନଗରଠାରେ ସାମାନ୍ୟ ବଚସାରୁ ଜଣେ ବୃଦ୍ଧାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏଥିରେ ପୁଲିସ ଜଣକୁ ଗିରଫ କରିଛି। ସୂଚନା ଅନୁସାରେ, ରେଙ୍ଗାଲି ଥାନା କିଶନ ନଗରଠାରେ ଥିବା ଏକ ଘରେ ଇନ୍ଦଲ ମହତୋ (୩୫) ଓ ତାଙ୍କ ଦୁଇ ଛୁଆ ବୀରେନ୍ଦ୍ର ଯାଦବ(୨୧) ଓ ଜଣେ ବୃଦ୍ଧା ହେତୁବାଦି(୫୦) ଏକା ସାଙ୍ଗରେ ରହୁଥିଲେ। ବୃଦ୍ଧା ଜଣକ ଏ ସମସ୍ତଙ୍କୁ ରାନ୍ଧିବାଢ଼ି ଖାଇବାକୁ ଦେଉଥିଲେ। ତାଙ୍କୁ ଇନ୍ଦଲ ଓ ବୀରେନ୍ଦ୍ର କିଛି ଟଙ୍କା ଦେଉଥିଲେ। ତେବେ ଆଜି ଖାଇବା ସମୟରେ ବୃଦ୍ଧା ଓ ବୀରେନ୍ଦ୍ର ମଧ୍ୟରେ ଟଙ୍କାକୁ ନେଇ ବଚସା ହୋଇଥିଲା। ଏଥିରେ ବୀରେନ୍ଦ୍ର ରାଗିଯାଇ ଏକ ବାଉଁଶ ବାଡ଼ିରେ ପିଟିପିଟି ବୃଦ୍ଧାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲା। ପୁଲିସ ଅନୁସନ୍ଧାନ କରି ହତ୍ୟାକାରୀ ବୀରେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିପଦପୂର୍ଣ୍ଣ ହୋଇଛି ଗୋଧିଢ଼ିପା-ବଳମ ରାସ୍ତା

**ନାକଟିଦେଉଳ, ୮।୪(ସମିସ):** ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ତିଆରି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ବିଭାଗୀୟ ଅବହେଳା ତଥା ଠିକାଦାରଙ୍କ ମାରଣନୀତି ଯୋଗୁ ରାସ୍ତାଗୁଡ଼ିକ ଶୀଘ୍ର ଖରାପ ହୋଇପଡ଼ି ମରଣଯନ୍ତା ପାଲଟୁଛି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଗୋଧିଢ଼ିପା ଠାରୁ ବଳମ ରାସ୍ତାକୁ ଦେଖିଲେ କିପରି ନିମ୍ନମାନର କାମ ହେଉଛି ଏବଂ ସରକାରୀ ଅର୍ଥର ଆତ୍ମସାତ କରାଯାଉଛି ସ୍ପଷ୍ଟ ବାରି ହେଉଛି। ନୂତନ ଭାବେ ତିଆରି ହେଉଥିବା ଏହି ରାସ୍ତା ପାର୍ଶ୍ୱକୁ ଦୀର୍ଘଦିନ ହେଲା ଖୋଳି ଦିଆଯାଇଛି। କାମ ମଧ ନିମ୍ନମାନର ହେଉଥିବା ଦେଖାଯାଉଛି। ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଦେଇ ପ୍ରତିଦିନ ଶହ ଶହ ଯାନବାହନ, ଛାତ୍ରଛାତ୍ରୀ, ଜନସାଧାରଣ ଯିବାଆସିବା କରୁଛନ୍ତି। ରାସ୍ତା କାମରେ ନିମ୍ନମାନର ମାଟି, ମେଟାଲ, ବାଲି ଆଦି ବ୍ୟବହାର ହେଉଥିବା ଦେଖାଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଲରପଙ୍କରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ସମ୍ବଲପୁର, ୮।୪(ସମିସ):** ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲରପଙ୍କ ତରଫରୁ ମହମଦପୁରଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ବୀରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ସୁନିତ ମହାନ୍ତି ଯୋଗଦେଇ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ବିଷୟରେ ସମସ୍ତଙ୍କୁ ସଚେତନ କରିବା ସହିତ ସ୍ୱାସ୍ଥ୍ୟ ପ୍ରତି କିଭଳି ଯତ୍ନବାନ ହେବେ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦୀପାଞ୍ଜଳି ନାୟକ, ଗାୟତ୍ରୀ ପାଣ୍ଡେ, ଜୟନ୍ତୀ ବେହେରା, ଜୟନ୍ତୀ ଭୋଇ, ସୁରଭି ବାଗ ଓ ମହିଳା ଆରୋଗ୍ୟ ସମିତିର ସଭ୍ୟାମାନେ ସହଯୋଗ କରିଥିଲେ।




# ଖଡୁରା ସମାଜର ମହିଳା ସମ୍ମିଳନୀ



**ସମ୍ବଲପୁର,୮।୪(ସମିସ):** ସମ୍ବଲପୁର ଲାୟନ୍ସ କ୍ଲବ୍‌ଠାରେ ସମ୍ବଲପୁର ଜିଲ୍ଲା ଖଡୁରା ସମାଜର ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଖଡୁରା ସମାଜ ମହିଳା ଶାଖାକୁ ଗଠନ କରାଯାଇଛି। ଖଡୁରା ସମାଜ ସମ୍ବଲପୁର ମହିଳା ସଭାନେତ୍ରୀ ଭାବରେ ଆଇନଜିବୀ ସସ୍ମିତା ସାହୁ, ଉପ ସଭାନେତ୍ରୀ ସଞ୍ଜିତା ନାୟକ, ସମ୍ପାଦିକା ଝିଲି ମହାପାତ୍ର, ଜୁଲି ନାୟକ, କୋଷାଧକ୍ଷା ଚୁମକି ନାୟକ, ସନ୍ତୋଷିନୀ ନାୟକ, ଯୁଗ୍ମ ସମ୍ପାଦିକା ସୁଜାତା ମହାପାତ୍ର, ସୋନାଲି ଦାସଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଦିଆଯାଇଛି। ଏହି ସମ୍ମିଳନୀରେ ସମ୍ବଲପୁର ସହରରେ ଥିବା ଖଡୁରା ସମାଜର ମହିଳାଙ୍କୁ ସଂଗଠିତ କରିବା ସହ ମହିଳା ଶାଖା ଯେପରି ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିବ ସେ ନେଇ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଖଡୁରା ସମାଜ ସଭାପତି ବିଦେଶୀ ନାୟକ, ସମ୍ପାଦକ ରାଜେନ୍ଦ୍ର ନାୟକ, ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କମିଟି ବରିଷ୍ଠ ସଭ୍ୟ ରବୀନ୍ଦ୍ର ସୁବୁଦ୍ଧି ସମ୍ବଲପୁର କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ନାୟକ, ଟୁନା ନାୟକ, ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ରେଙ୍ଗାଲି, ୮।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ସାଲଡ଼ ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ବିଶ୍ୱାଳଙ୍କ ଦ୍ୱାଦଶରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଯାଇଛି। ସାଲଡ଼ ପାଞ୍ଚସାଶନୀ ବ୍ରାହ୍ମଣ ସମାଜ ପକ୍ଷରୁ ସାଲଡ଼ ପ୍ରଗାଣର ପୂର୍ବତନ ଆବାହକ ବରିଷ୍ଠ ସଭ୍ୟ ଭିକାରୀ ଚରଣ ବିଶ୍ୱାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜର ବରିଷ୍ଠ ସଭ୍ୟ ଲକ୍ଷ୍ମଣ ବେହରାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମାଜର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କର, ବିପିନ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାଣି, ବିରଞ୍ଚି ବିଶ୍ୱାଳ, ସରୋଜ ଧର, ମୀନକେତନ ନାଥ, ପ୍ରଦୀପ୍ତ ନାଥ, ଅଜିତ ଧର, ନିଶିକାନ୍ତ ବିଶ୍ୱାଳ, ଶ୍ରୀକାନ୍ତ, ବିଶ୍ୱାକେଶ ବିଶ୍ୱାଳ, ପ୍ରଶ୍ନ ବିଶ୍ୱାଳ, ଦେବନ୍ଦ୍ର ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କାରି ସ୍ମୃତିଚାରଣ କରିଥିଲେ।

# ମଠେଶ୍ୱର ଶୈବପୀଠ ଟ୍ରଷ୍ଟ ଗଠିତ



**ଜମନକିରା, ୮।୪(ସମିସ):** ଜମନକିରା ବ୍ଲକ ଖର୍ସନମାଲ ଗ୍ରାମପଞ୍ଚାୟତ ବଣପାହାଡ଼ ଘେରା ଖଇରମାଲ ଗ୍ରାମ ନିକଟସ୍ଥ ଗୋସେଇଁ ମଠ ପାହାଡ଼ରେ ପ୍ରାୟ ୨୫୦ବର୍ଷ ପୂର୍ବରୁ ଅବସ୍ଥାପିତ ଐତିହାସିକ ମଠେଶ୍ୱର ବାବାଙ୍କ ଶୈବପୀଠ ସମ୍ପୂର୍ଣ୍ଣ ଭାବରେ ଅବହେଳିତ ହୋଇ ପଡ଼ିରହିଛି। ଜନସାଧାରଣ, ପ୍ରଶାସନିକ ଅଧିକାରୀ କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦୃଷ୍ଟି ଏହି ଶୈବପୀଠରେ ବର୍ତ୍ତମାନ ପର୍ଯ୍ୟନ୍ତ ପଡ଼ିନାହିଁ। ତେବେ ଆଜି ପବିତ୍ର ଚୈତ୍ର ଅମାବାସ୍ୟାରେ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଜନସାଧାରଣଙ୍କୁ ନେଇ ମଠେଶ୍ୱର ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥଲା। ଏଥିରେ ମଠର ପାରିପାର୍ଶ୍ୱିକ ଉନ୍ନତି, ବିଦ୍ୟୁତୀକରଣ, ରାସ୍ତା, ପାନୀୟ ଜଳର ସୁବ୍ୟବସ୍ଥା, ମଠର ପୂଜକଙ୍କ ଚଳନି ପାଇଁ ବ୍ୟବସ୍ଥା ଆଦି ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସୁଶାନ୍ତ ପଟେଲ, ଶେଷଦେବ ବେହେରା, ଦେବେନ୍ଦ୍ର ପ୍ରଧାନ, ପ୍ରଦୀପ ବେହେରା, ମାନଭଞ୍ଜନ ମେହେର, ଗୁରୁଦେବ ମିର୍ଦ୍ଧା, ନିରଞ୍ଜନ ମିର୍ଦ୍ଧା, ପ୍ରସନ୍ନ ପ୍ରଧାନ, ସରୋଜ ପ୍ରଧାନ, ନରେଶ ବେହେରା, ଅଭିମନ୍ୟୁ ବନଛୋର, ସୁମନ୍ତ ପଧାନ, ମିଳନ ମିର୍ଦ୍ଧା, ମନୋଜ ପ୍ରଧାନ, ସୁଶିଲ ବାଗ, କୁଷଧର ପ୍ରଧାନ, ସୁଶାନ୍ତ ପ୍ରଧାନ, ସୁଦାମ ଖମାରୀ ଓ କୃଷ୍ଣଚନ୍ଦ୍ର ଖମାରୀ ସକ୍ରିୟ ଅଂଶଗ୍ରହଣ କରି ଆଲୋଚ୍ୟ ପ୍ରସ୍ତାବ ଗୁଡିକ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ ପାଇଁ ଶପଥ ନେଇଥିଲେ।

# ଯୁବ ସମାଜ ନିଜ ଶକ୍ତିର ଉତ୍ସ ନିର୍ମାଣ କରନ୍ତୁ: ରାଜ୍ୟପାଳ

ସମ୍ବଲପୁର/ବୁର୍ଲା, ୮।୪(ସମିସ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବ ଜ୍ୟୋତିବିହାର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ଆମର ଦାର୍ଶନିକମାନଙ୍କ ସମୃଦ୍ଧ ପରମ୍ପରା ଓ ପ୍ରାଚୀନ ଜ୍ଞାନକୁ ଆଖିଆଗରେ ରଖି ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଛି। ଶିକ୍ଷାର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ମାନବକ୍ଷମତା ହାସଲ କରିବା, ଯାହାକି ଶିକ୍ଷାନୀତିରେ ପ୍ରତିଫଳିତ ହୋଇଛି। ଏକ ସମତାପୂର୍ଣ୍ଣ ଓ ଭାବପୂର୍ଣ୍ଣ ସମାଜର ବିକାଶ ତଥା ରାଷ୍ଟ୍ରୀୟ ବିକାଶକୁ ଉତ୍ସାହିତ କରିବା। ଏହାର ଉଦ୍ଦେଶ୍ୟ ଯୁବ ପ୍ରତିଭା ଓ ସମ୍ବଳର ସର୍ବାଧିକ ଉପଯୋଗ କରିବା ଏବଂ ସାଂସ୍କୃତିକ ପରମ୍ପରା ସହିତ ଭାରତକୁ ବିଶ୍ୱ ବୈଷୟିକ ଅର୍ଥ ବ୍ୟବସ୍ଥାର ସର୍ବାଗ୍ରେ ପହଞ୍ଚାଇବା। ଯୁବପୀଢ଼ି ନିଜର ନିୟତି ନିଜେ ହିଁ ତିଆରି କରିବାକୁ ହେବ। ରାଜ୍ୟର ବିକାଶ ସହିତ ନିଜର ନିୟତି ଗଢ଼ିବାର ସାମର୍ଥ୍ୟ ବିକଶିତ କଲେ ଦେଶରେ ନିୟତି ମଧ ନିର୍ମିତ ହେବ। ସମୟ ଓ ପ୍ରବାହ କାହାକୁ ଅପେକ୍ଷା କରେନାହିଁ। ଛାତ୍ରଜୀବନର ପ୍ରବୃତ୍ତି ଆଜୀବନ ରହିଥାଏ। ଛାତ୍ରଛାତ୍ରୀ ଅଧ୍ୟୟନ ସମୟରୁ ହିଁ ଅନୁଶାସନକୁ ଅନୁସରଣ କରିବା ଦରକାର। କମ୍ପ୍ୟୁଟର ଯୁଗରେ ଭାରତର ଯୁବକମାନଙ୍କ ମଧ୍ୟରେ ଅନ୍ୟଦେଶ ତୁଳନାରେ ବିଶିଷ୍ଟତା ରହିଛି। ଯୁବ ସମାଜ ନିଜର ଶକ୍ତିର ସ୍ରୋତ ନିର୍ମାଣ କରନ୍ତୁ। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ



ଶିକ୍ଷା ମନ୍ତ୍ରଣାଳୟ ସହିତ ମିଶି ୟୁଜିସି ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱୟମ ଡ଼ିଜିଟାଲ ଶିକ୍ଷା ପ୍ଲାଟଫର୍ମରେ ସଫଳତା ହାସଲ ଖୁସିର ବିଷୟ ବୋଲି ରାଜ୍ୟପାଳ କହିଥିଲେ। ମୁଖ୍ୟବକ୍ତା ତଥା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ କହିଲେଥିଲେ, ଅର୍ଥର ପ୍ରାଚୁର୍ଯ୍ୟ ଓ ଉତ୍କର୍ଷ ଚରମ ଲକ୍ଷ୍ୟ ହାସଲ ସମୟରେ ମନୁଷ୍ୟତାର ମୂଲ୍ୟକୁ ଭୁଲିବା ଉଚିତ୍ ନୁହେଁ। ପ୍ରତିଭା ଓ ସମ୍ପଦର ଅଧିକାରୀ ମନୁଷ୍ୟତାର ପଦବାଚ୍ୟ। ଶିକ୍ଷାଲାଭ ସମୟରେ ମୂଲ୍ୟବାନ ମୁହୂର୍ତ୍ତ ଭବିଷ୍ୟତରେ ସହାୟକ ହୁଏ। ଜୀବନରେ ସଫଳତା ନିମନ୍ତେ ଧୈର୍ଯ୍ୟ, ପବିତ୍ରତା ଓ ନିରନ୍ତରତା ଏବଂ ସର୍ବୋପରି ପ୍ରେମ ବୋଲି ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ପ୍ରଣୀଧାନ ଯୋଗ୍ୟ ବୋଲି ମୁଖ୍ୟବକ୍ତା ପ୍ରଫେସର ତ୍ରିପାଠୀ କହିଥିଲେ। ଭୁବନେଶ୍ୱର ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ୨୦୪୭ସୁଦ୍ଧା ଜୀବନକୁ ନୂଆ ଦାୟିତ୍ୱବୋଧ ଓ ଉଦ୍ୟମିତାରେ ଖାପ ଖୁଆଇ ସୁନାଗରିକ ହେବାର ଓ ବିକଶିତ ଭାରତ ହେବାର ଉଦ୍ୟମରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସଙ୍କଳ୍ପବଦ୍ଧତା ମାଧ୍ୟମରେ ଭବିଷ୍ୟତର ରାସ୍ତା ସୁଗମ ହେବ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଓଡ଼ିଶା ଦେଶର ଅନ୍ୟତମ ପାୱାର୍ ହାଉସ୍ ଦେଶର ଅଭିବୃଦ୍ଧିରେ ଓଡ଼ିଶାର ଅବଦାନ ଗୌରବର ବିଷୟ। ଷ୍ଟାର୍ଟ-ଅପ୍ ଓ ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଓ ମେକ୍ ଇନ୍ ଇଣ୍ଡିଆ ଅସୀମିତ ସୁଯୋଗ ରହିଛି। ପ୍ରଫେସର ନାରାୟଣ ଛାତ୍ରଛାତ୍ରୀମାନଙ୍କ ଉପରେ ଭରସା ଜାହିର କରିଥିଲେ। ସଭାରେ ଉପସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ନୂତନ ଶିକ୍ଷାନୀତି ଅଧାରରେ ନୂତନ ବିଷୟକୁ ସାମିଲ କରିବା, ଗବେଷଣାକୁ ଅଗ୍ରାଧିକାର ପ୍ରଦାନ ସହିତ ମାନବୀୟ ଏବଂ ମୌଳିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯାଉଛି। ଟି-ଲାର୍ଣ୍ଣିଙ୍ଗକୁ ସ୍ୱଚ୍ଛଳବର୍ଗଙ୍କ ପାଖରେ ସୀମିତ ନରଖି ବିଶ୍ୱବିଦ୍ୟାଳୟ ଏହାକୁ ସାର୍ବଜନୀନ କରିବା ସହିତ ପାଠାଗାରର ୱାଇଫାଇ ଜରିଆରେ ଇ-ଲାଇବ୍ରେରୀ, ଡ଼ିଜିଟାଲକରଣ ଜ୍ଞାନର ସ୍ରୋତକୁ ଆହୁରୀ ପ୍ରଶସ୍ତ କରିଛି ବୋଲି ପ୍ରଫେସର ମିଶ୍ର କହିଥିଲେ। ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ପରିଷଦ ଅଧକ୍ଷା ପ୍ରଫେସର ସଂଯୁକ୍ତା ଦାସ, ଭିମସାର ନିର୍ଦ୍ଦେଶକ ଭାବଗ୍ରାହୀ ରଥ, ଭିସୁଟ୍‌ର କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ସମେତ ସିଣ୍ଡିକେଟର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ କୁଳସଚିବ ଡ. ନୃପରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ୨୧ଟି ପ୍ରଯୋଜିତ ସ୍ୱର୍ଣ୍ଣଦକ, ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ଡ଼ି-ଲିଟ, ପିଏଚ୍‌ଡ଼ି ଏବଂ ଅନ୍ୟାନ୍ୟ ଡିଗ୍ରୀ ସହିତ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଦ୍ୱନ୍ଦୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

୨୮ତମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିଳାସ ମଞ୍ଜରୀ ଦେବୀ
ଆନନ୍ଦପୁର, କେନ୍ଦୁଝର
ଚୈତ୍ର ଶୁକ୍ଳ ପ୍ରତିପଦା

ମା' ତୋର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନ ବିତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ। ୨୮ ବର୍ଷ ବିତିଯାଇଥିଲେ ମଧ, ଆମେ ସେହି ଆଶିଷକୁ ପାଥେୟ କରି ବଞ୍ଚି ରହିଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏବଂ ମା ତାରିଣୀଙ୍କ ପାଖରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ସୋମା, ଗଗ, ଶିବାନନ୍ଦ, କଲ୍ୟାଣୀ, ବବ୍‌ଲୁ, ଟୁବୁ, ମିଲି, ସିଲୁ, ଜିଲୁ, ଶିପୁ, ଲିପୁ, ଦିପୁ, ଜିତୁ, ମାମି, ନନି, ପୁପୁ, ପାପୁ, ମାଉଁନି, ଅମ୍ରିତେଶ, ବନ୍ଧୁ ଓ ପରିବାର ବର୍ଗ

# ବରଗଡ଼ ପୁଲିସ ଦ୍ୱାରା ଲୁଟେରା ଗିରଫ



**ବରଗଡ଼, ୮।୪ (ସମିସ):** ବରଗଡ଼ ଟାଉନ ଥାନା ପୁଲିସ ଦୁଇ ଜଣ ସୁନାଚେନ ଲୁଟେରାକୁ ଗିରଫ କରିଛି। ଗିରଫ ଯୁବକ ଟାଉନ ଥାନା ଅନ୍ତର୍ଗତ ଖଲିଆପାଲି କେନାଲପଡ଼ାର ହରି ତରାଇ ଓ ବିବେକ ନାୟକ ବୋଲି ଜଣାପଡ଼ିଛି। ଗିରଫ ଯୁବକମାନେ ନିଜ ଘର ବାରଣ୍ଡାରେ ବସିଥିବା ସିମେଣ୍ଟନଗର ନିବାସୀ ରୀନା ପଟ୍ଟନାୟକଙ୍କୁ ଛୁରୀରେ ଭୟଭୀତ କରି ସୁନାଚେନ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଟାଉନ ଥାନା ପୁଲିସ ମାମଲା ରୁଜୁ କରି ଲୁଟ ସୁନା ଚେନ ଉଦ୍ଧାର କରିଛନ୍ତି।

# ଗ୍ରାମାଞ୍ଚଳରେ ଯୋଗାଯୋଗର ମାଧ୍ୟମ ପାଲଟିଛି ବିଜୁ ସେତୁ

**ବରଗଡ଼, ୮।୪(ସମିସ)**

ବରଗଡ଼ ସଦର ବ୍ଲକର ଦୁଇ ଗୋଟି ଗାଁକୁ ଯୋଡ଼ିଛି ବିଜୁ ସେତୁ। ବରଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥରୁ ସାଉନ୍ତପୁର ଗୁଡ଼େଶିରା ରାସ୍ତାରେ ବୋହି ଯାଉଥିବା ବଞ୍ଜାରୀନାଳା ଉପରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପରେ ଜନସାଧାରଣ ସୁବିଧାରେ ଯାତାୟତ କରିପାରୁଛନ୍ତି। ପୂର୍ବରୁ ଲୋକଙ୍କୁ ଗମନାଗମନ ପାଇଁ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ହେଲେ ରାଜ୍ୟ ସରକାର ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଜୁ ସେତୁ ନିର୍ମାଣ କରି ଯାତାୟତର ପଥ ସୁଗମ କରିଛନ୍ତି। ଜାତୀୟ ରାଜପଥର ସାଉନ୍ତପୁରରୁ ଗୁଡେଶିରା ଗ୍ରାମକୁ ଯାଇଥିବା ରାସ୍ତାରେ ରହିଛି ବଞ୍ଜାରୀ ନାଳା। ବର୍ଷା ଦିନ ଆସିଲେ ଗୁଡ଼େଶିରା ଗାଁ ସହ ଅନ୍ୟ ଅଞ୍ଚଳକୁ ଯିବା ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଖରା ମାସରେ ନାଳ ମଧ୍ୟ ଲୋକେ ରାସ୍ତା କରି ଯାତାୟତ କରୁଥିଲେ। ଗୁଡ଼େଶିରା ସମେତ ଆଖପାଖ ଅଞ୍ଚଳର ଲୋକେ ବର୍ଷା ଋତୁରେ କୌଣସି କାମ ପାଇଁ ବରଗଡ଼ କିମ୍ବା ଅନ୍ୟ ଅଞ୍ଚଳକୁ ଯିବାକୁ ହେଲେ ବୁଲି କରି ଅନ୍ୟ ରାସ୍ତାରେ ଅଧିକ ରାସ୍ତା ଅତିକ୍ରମ କରି ଯାଇଥାନ୍ତି। ଯାହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀଙ୍କ ସମସ୍ୟାକୁ ଉପଲବ୍ଧ କରି ବଞ୍ଜାରୀ ନାଳା ଉପରେ ଏବେ ବିଜୁ ସେତୁ ନିର୍ମାଣ କରାଯାଇଛି। ଫଳରେ ଜନସାଧାରଣଙ୍କ ଯାତାୟତରେ ସୁବିଧା ପରିଲକ୍ଷିତ ହୋଇଛି। ରାଜ୍ୟ ସରକାର ସାଉନ୍ତପୁର ଏବଂ ଗୁଡ଼େଶିରା ମଝିରେ ଥିବା ବଞ୍ଜାରୀନାଳା ଉପରେ ୩୬୧.୫୮ ଲକ୍ଷ ବ୍ୟୟ ଅଟକଳରେ ଏକ ସୁଉଚ୍ଚ ବିଜୁସେତୁ ନିର୍ମାଣ କରି ଜନସାଧାରଣଙ୍କ ସେବାରେ ଉର୍ତ୍ସଗୀକୃତ କରିଛନ୍ତି। ଫଳରେ ଗୁଡ଼େଶିରା ସମେତ ନୂଆଁ ଗୁଡ଼େଶିରା, ଜାମପାଲି, ନିଳେଶ୍ୱର, ଡୁମେରପାଲି ସମେତ ବହୁ ଗ୍ରାମବାସୀ ଉପକୃତ ହେବା ସହ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ବାସନ୍ତୀକ ନବରାତ୍ର ପାଇଁ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ଖଣ୍ଡାଧୂଆ

**ବରଗଡ଼, ୮।୪(ସମିସ):** ସୋମବାର ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ବାସନ୍ତିକ ନବରାତ୍ର ପୂଜା ପାଇଁ ଖଣ୍ଡାଧୂଆ ପର୍ବ ତଥା କଳସ ଆବାହନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅପରାହ୍ନରେ ଏକ ଭବ୍ୟ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଘଣ୍ଟବାଦ୍ୟ ତଥା ଦୁଲଦୁଲି ବଜାର ତାଳେ ତାଳେ ଏହି ଶୋଭାଯାତ୍ରା ମନ୍ଦିରରୁ ବାହାରି ସହର ପରିକ୍ରମା ପୂର୍ବକ ଜୀରାନଦୀକୁ ପହଞ୍ଚିଥିଲା। ସେଠାରେ ପଣ୍ଡିତ ବିଘ୍ନରାଜ ଦାଶ, କର୍ତ୍ତା ନରେନ୍ଦ୍ର ଦାଶ ପୂଜାର୍ଚ୍ଚନା କରିବା ପରେ ପୂର୍ଣ୍ଣକଳସ ନେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରି ସ୍ଥାପନା କରିଥିଲେ। ମଙ୍ଗଳବାର ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ମାଁ ସମଲେଶ୍ୱରୀଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ବାସନ୍ତିକ ନବରାତ୍ର ପୂଜାର ପ୍ରଥମ ଦିବସରେ ଭକ୍ତମାନଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ। ବାସନ୍ତିକ ନବରାତ୍ର ପୂଜା ପାଇଁ ମନ୍ଦିର ପରିସରକୁ ବିଭିନ୍ନ ପ୍ରକାର ଫୁଲରେ ସଜ୍ଜିତ କରାଯାଇଛି।



# ଭାଗବତ କଥା ପାରାୟଣ

**ବରଗଡ଼, ୮।୪(ସମିସ):** ଭଗବତ କଥା ପାରାୟଣ ଉଚ୍ଚାରଣ ଓ ଆଚରଣରେ ମାନସିକ ଶାନ୍ତି ମିଳିବା ସହ ନୈତିକ ଶିକ୍ଷା ତଥା ଆଧ୍ୟାତ୍ମିକ ଜ୍ଞାନ ଆହରଣ ହୋଇଥାଏ ବୋଲି ବରପାଲି ବ୍ଲକ ଅନ୍ତର୍ଗତ କଦଳିପାଲି ଗ୍ରାମରେ ଅନୁଷ୍ଠିତ ଭାଗବତ କଥା ପାରାୟଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ଧାରାବାହିକ ପାରାୟଣର ଉଦଯାପନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ରବି ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ପଦ୍ମପୁରରେ ଓବିସି ମଞ୍ଚର ବୈଠକ



**ପଦ୍ମପୁର, ୮।୪ (ସମିସ):** ପଦ୍ମପୁର ଓବିସି କାର୍ଯ୍ୟାଳୟରେ ଓବିସି ମଞ୍ଚ ପଦ୍ମପୁର ଅନୁକୂଲ୍ୟରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଓବିସି ମାନଙ୍କ ସମ୍ବିଧାନିକ ହକ, ଅଧିକାରକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସମଗ୍ର ଓଡ଼ିଶାବାସୀଙ୍କୁ ମୋ ପରିବାର କୁହାଯାଉଥିବା ସତ୍ତ୍ୱେ ଓବିସି ମାନଙ୍କୁ ଶୂନ୍ୟ ପ୍ରତିଶତ ଆରକ୍ଷଣ ଦିଆଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଅନ୍ୟାୟ ବୋଲି ଆଲୋଚନା ହୋଇଥିଲା। ମଞ୍ଚର ସଭାପତି ଖଗେଶ୍ୱର ବାରିକ ରାଜନୈତିକ ଅଧିକାରକୁ ନେଇ କହିଥିଲେ ଯେ ଆଗାମୀ ନିର୍ବାଚନରେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଜଣେ ଓବିସିଙ୍କୁ ଏମ୍ ଏଲ୍ ଏ ପ୍ରାର୍ଥୀ କରାନଗଲେ ଓବିସି ମାନେ ନୋଟାରେ ଭୋଟ ଦେବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଚିନ୍ତାମଣି ସାହୁ, ଦେବଧି ସାହୁ, ଦେବେନ୍ଦ୍ର ଭୋଇ, ଅମର ବାରିକ ପ୍ରଦୀପ ପ୍ରଧାନ, ଅଶୋକ ଦାନୀ, କଣ୍ଟେଶ୍ୱର ସାପୂର୍ଣ୍ଣ ସାହୁ, ଚନ୍ଦ୍ର ସରାଫ ଓ ଭଗବାନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗଙ୍ଗାଧର ମେହେରଙ୍କ ପୂଣ୍ୟତିଥି ପାଳିତ

**ବିଜେପୁର, ୮।୪(ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୂଣ୍ୟତିଥି ଅବସରରେ ସାରା ବିଜେପୁର ସହର କବିଙ୍କ ଭକ୍ତିରସରେ ନିମଗ୍ନ ହୋଇ ଉଠିଥିଲା। ଭୋର ୪ଟାରୁ 'ବିଶ୍ୱ ଦେଖ ମଧୁମୟରେ ଓ ଗଙ୍ଗାଧର ମେହେର ଅମର ରହେ ସ୍ୱରରେ ପ୍ରକମ୍ପିତ ହୋଇ ଉଠିଥିଲା। ସ୍ଥାନୀୟ ମଧ୍ୟପଡ଼ା ସ୍ଥିତ ଅନନ୍ତ ନାରାୟଣ ଯୁବକ ସଂଘ ଓ ସହରବାସୀଙ୍କ ମିଳିତ ଉଦ୍ୟମରେ ପ୍ରଭାତଫେରି ଆୟୋଜିତ ହୋଇଥିଲା। ସହରର ବାହାଦୁର ମେହେର ଓ ଶିବ ମେହେରଙ୍କ ତତ୍ତ୍ୱାବଧାନରେ କବି ମକରଧ୍ୱଜ ସାହୁ ଓ ଦୁର୍ବାଦଳ ମେହେର ଗଙ୍ଗାଧରୀୟ ସଙ୍ଗୀତ ଗାନ କରିଥିଲେ। ସୁରେଶ ମେହେର, ଲେକୁ ମେହେର, ହାରାଧନ ମେହେର, ଭଗବାନ ମେହେର ସହଯୋଗ କରିଥିଲେ। କବୟିତ୍ରୀ ସାବିତ୍ରୀ ମେହେର, ଦୟାସାଗର ମେହେର ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୦ ତମ ପୂଣ୍ୟ ତିଥି ଅବସରରେ ଆୟୋଜିତ ସ୍ମୃତି ଚାରଣରେ ଏକ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସ୍ୱଭାବ କବିଙ୍କ କାବ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଜନମନକୁ ଆକୃଷ୍ଟ କରିଥିଲା।

# ବିଜେପି ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କୁ ଆଦିବାସୀଙ୍କ ସମ୍ବର୍ଦ୍ଧନା

**ପଦ୍ମପୁର, ୮।୪ (ସମିସ):** ଗୋବର୍ଦ୍ଧନ ଭୋଏଙ୍କୁ ବିଜେପି ଦଳ ତରଫରୁ ବିଧାୟକ ପ୍ରାର୍ଥୀ ଭାବରେ ମନୋନୀତ କରାଯାଇ ଥିବାରୁ ଆଦିବାସୀ ମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଖେଳି ଯାଇଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩ ଗୋଟି ବ୍ଲକ ପଦ୍ମପୁର, ପାଇକମାଳ ଓ ଝାରବନ୍ଧର ସଭାପତି ବାମନ ଧାରୁଆ, ସତ୍ୟାନନ୍ଦ ବୁଡେଇ, ଚୈତନ୍ୟ ପ୍ରସାଦ ବରିହାଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତ ସଭାପତିଙ୍କ ଉପସ୍ଥିତିରେ ଶ୍ରୀ ଭୋଏଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ପଦ୍ମପୁର ଠାରେ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ମହିଳା ପୁରୁଷ ଆଦିବାସୀଙ୍କୁ ନେଇ ଏକ ବିଶାଳ ସମାବେଶ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକର ପାଣ୍ଡବ ବରିହା, ଭାଗିରଥୀ ଭୁଏ, ରଘୁମଣୀ ବରିହା, ନୀଳମଣୀ ବରିହା, ସତ୍ୟ କମାତି, ଲକ୍ଷ୍ମଣ ଭୋଇ, ଉମାକାନ୍ତ ବରିହା, ବୁଦ୍ଧଦେବ ବରିହା, ଶ୍ୟାମ ନେଗୀ, ଗୀତାଞ୍ଜଳି ବରିହା, ଗୀତାଞ୍ଜଳି ଧରୁଆ, ପାଇକମାଳ ବ୍ଲକର ସତ୍ୟାନନ୍ଦ ବୁଡେକ, ମଙ୍ଗନ ବରିହା, ରୂପଧର ନାୟକ, ଝାରବନ୍ଧ ବ୍ଲକର ଯୋଗେନ୍ଦ୍ର ବରିହା, ନୀଳମଣି ବରିହା, ପବିତ୍ର ବରିହା ସହଯୋଗ କରିଥିଲେ।

# ବିଜାଢୋଲ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଝାରବନ୍ଧ, ୮।୪(ସମିସ ):** ଝାରବନ୍ଧ ବ୍ଲକ ବିଜାଢୋଲ ଗ୍ରାମରେ ନବ ନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଉଦଯାପିତ ହୋଇଛି। ଶୁଭସ୍ତମ୍ଭ ସ୍ଥାପନା ଦିନରୁ ନବ ନିର୍ମିତ ମନ୍ଦିର ଚୂଳରେ ମହୁମାଛି ବାସ କରିବା ଓ ପ୍ରତିଷ୍ଠା ପୂଜା ପ୍ରଥମ ଦିନରେ ଏକ ନାଗସାପ ପୂଜାସ୍ଥଳୀ ପରିକ୍ରମା କରି ଚାଲି ଯାଇଥିବା ଘଟଣାକୁ ଏକ ଅଲୌକିକ ଘଟଣା ବୋଲି ଶ୍ରଦ୍ଧାଳୁ ମାନେ ବିଚାର କରି ବହୁ ସଂଖ୍ୟାରେ ଏହି ଉତ୍ସବରେ ଭାଗ ନେଇଥିଲେ। ବିଗ୍ରହଙ୍କ ମନ୍ଦିର ପ୍ରବେଶ ପୂର୍ବରୁ ବର୍ଷା ଯୋଗୁଁ ଲୋକେ ଗରମରୁ ତ୍ରାହି ପାଇଥିଲେ। ୫ଦିନ ବ୍ୟାପି ହୋଇଥିବା ଏହି କାର୍ଯ୍ୟକ୍ରମରେ ସାରା କନ୍ଦାଡଙ୍ଗର ଗ୍ରାମ ପଞ୍ଚାୟତବାସୀ ସକ୍ରିୟ ସହଯୋଗ କରିଥିଲେ। ଆନନ୍ଦ ବଜାରରେ ପ୍ରତ୍ୟହ ଗୋଟିଏ ଗ୍ରାମର ଦାୟିତ୍ୱ ରହିଥିଲା। ସରପଞ୍ଚ ସୁନୀଲ ରାୟ, ପ୍ରମୋଦ ରାୟ, ଲକ୍ଷ୍ମଣ ସଗର, ଯୋହନ କୁମ୍ଭାର, କମଳାକାନ୍ତ ରାୟ, ଧ୍ରୁବ ଚରଣ ହାତୀ, ଗୋବିନ୍ଦ ପଟେଲ, ଗୋବର୍ଦ୍ଧନ ସାହୁ, ହେମନ୍ତ ରାୟ, ଜୟପତି ସଗର ଓ ସମସ୍ତ ଗ୍ରାମବାସୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ମହୋତ୍ସବ ସଫଳ ହୋଇଥିଲା। ପ୍ରିତମ ମେହେର, ପ୍ରଦୀପ ପୁରୋହିତ, ସତ୍ୟଭୂଷଣ ସାହୁ, ଗୋବର୍ଦ୍ଧନ ଭୋଏ, ଟଙ୍କଧର ସାହୁ, ମୁଜାଫର ହୁସେନ, ସନ୍ତୋଷ ବେହେରା ପ୍ରମୁଖ ଜନ ପ୍ରତିନିଧି ଯୋଗଦାନ କରି ବିଭୁକୃପା ଲାଭ କରିଥିଲେ। ପ୍ରବଚନ, ମୁରାସୁର ଦରବାର, ନାମ ସଂକୀର୍ତ୍ତନ୍ୟ, ମୀନା ବଜାର ଓ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଅଲେଖ ମହିମା ସାଧୁ ନୃସିଂହ ଦାସ, ସାଧୁ ଗିରିଜା ଶଙ୍କର ଦାସ, ସାଧୁ ବଳରାମ ଦାସଙ୍କ ପୌରୋହିତ୍ୟରେ ବିଶ୍ୱର ମଙ୍ଗଳ ପାଇଁ ଅଖଣ୍ଡ ବ୍ରହ୍ମ ଯଜ୍ଞ କରାଯାଇ ଥିଲା। ରମେଶ ରାୟ, ରାଜକୁମାର ସଗର, ଅଶୋକ ହାତୀ, ଆଲୋକ ରାୟ, ବେଦବ୍ୟାସ ସାହୁ, ସୁଶୀଳ ହାତୀ, ନାରଦ ଗୁପ୍ତା, ଅଂଶୁମାନ ରାୟ, ରାକେଶ ରାୟ, ଜୟଦେବ ସାଗର, ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରଜନୀ କୁମାର ସାଗର ଓ ମାଳତୀ ସାଗର ନାମଯଜ୍ଞ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ସୁବଳ ପଣ୍ଡା, ଦେବରାଜ ପଣ୍ଡା, ବୀରେନ୍ଦ୍ର ଷଡ଼ଙ୍ଗୀ, ହେମନ୍ତ ଷଡ଼ଙ୍ଗୀ, ରିଙ୍କୁ ଦାସ, ବୁଦ୍ଧାଧିନ ଦାସ, ଦୁର୍ବାଦଳ ମହାପାତ୍ର, ଦୁଃଖିଶ୍ୟାମ ମହାପାତ୍ର ପୂଜାବିଧିରେ ସହଯୋଗ କରିଥିଲେ।

# ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବିଜେପୁର, ୮।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକୋତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶାର ପଶ୍ଚିମ ସମ୍ଭାଗ ସଭାପତି ଡ. ବେଣୁଧର ପ୍ରଧାନ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ଉପସଭାପତି ସୁଶାନ୍ତ କୁମାର ପାଣ୍ଡେ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଡ. ସୁଦାମ ଚରଣ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟା ମନ୍ଦାକିନୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଷଷ୍ଠ ଓ ସପ୍ତମ ଶ୍ରେଣୀର ଭଉଣୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଶିଶୁଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟା ସ୍ନେହଲତା ବଗାରଙ୍କ ନିର୍ଦ୍ଦେଶିତ ଏବଂ ଆଚାର୍ଯ୍ୟା ସୁଜାତାଙ୍କ ଦ୍ୱାରା ରଚିତ ଶିଶୁ ବାଟିକା ବିଭାଗର ନାଟକ 'ମମତା ମାଗେ ମୂଲ' ଶିଶୁ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏଥିରେ ଅକ୍ଷୟ ଦାଶ ସ୍ୱର ସଂଯୋଜନା କରିଥିଲେ। ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ସଦାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଡ଼ଗାଁ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ୨-୦ ରେ ଚାମ୍ପିଅନ



**ବରଗଡ଼, ୮/୪(ସମିସ ) :** ବରଗଡ଼ ବ୍ଲକ ଅଡଗାଁ ଠାରେ ୪୦ ତମ ଭଲିବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଅଡଗାଁ, ଆମ୍ବସଡ଼ା, ଡୁଙ୍ଗୁରିପାଲି, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ, ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବା ମଞ୍ଚ, ବଲାଙ୍ଗୀର ଫାୟର, ରାୟଗଡ଼ର ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ବଲାଙ୍ଗୀର ଫାୟାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଦଳ ବଲାଙ୍ଗୀର ଫାୟାର କୁ ୨-୦ ସେଟ୍ ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ କୁମାର ପ୍ରଧାନ, ଦୀନ ପ୍ରଧାନ, ଭଗବାନ ନାଏକ, ଗଜରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ଦହିତାରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି

**ଦହିତା, ୮।୪ (ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ଦହିତା ତଥା ଆଖପାଖ ଗାଁରେ ମଦୁଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗାଁ ମାନଙ୍କରେ କୁଚିଆ ମଦ ଦୋକାନ ଯୋଗୁଁ ମଦୁଆମାନେ ଦିନରାତି ମଦ ପିଇ ଲୋକଙ୍କୁ ଖରାପ ବ୍ୟବହାର କରି ଉତ୍ପାତ କରୁଥିବା ଅଭିଯୋଗ ହୋଇଛି। ରାସ୍ତା ମଝିରେ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଲିଗୁଲଜ, ଟାହିଟାପରା ମାରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସାପ୍ତାହିକ ବଜାର ପଡୁଥିବା ଏବଂ ବଜାର ପାଖରେ ମଦ ଦୋକାନ ଥିବାରୁ ମଦୁଆମାନେ ସୁବିଧାରେ ମଦ କିଣି ପିଉଛନ୍ତି ଏବଂ ଦୌରାତ୍ମ୍ୟ ବଢ଼ାଉଛନ୍ତି। ମଦୁଆ ମାନଙ୍କ ଯୋଗୁଁ ସାଧାରଣ ଲୋକେ ତ୍ରାହି ଛାଡ଼ିଲେଣି। ବୁଡେନ ପୁଲିସ ଏ ଦିଗରେ ନିରବଦ୍ରଷ୍ଟା ସାଜଥିବା ଅଭିଯୋଗ ହୋଇଛି। ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚିକିତ୍ସାରେ ଅର୍ଥ ବାଧକ

# ଜୀବନମରଣ ସହ ସଂଗ୍ରାମ କରୁଛନ୍ତି ଚନ୍ଦ୍ରକେତୁ

**ବିଜେପୁର, ୮।୪(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଆଇମାଲ୍ ଗ୍ରାମର ଆଦିବାସୀ ଯୁବକ ଚନ୍ଦ୍ରକେତୁ ବରିହା(୩୬) ବର୍ତ୍ତମାନ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ଦୁଇଟି ଯାକ କିଡ୍‌ନି ନଷ୍ଟ ହୋଇଥିବା ସତ୍ତ୍ୱେ ଆର୍ଥିକ ଅନାଟନ ଯୋଗୁଁ ନିଜର ଚନ୍ଦ୍ରକେତୁ ବର୍ତ୍ତମାନ ମୃତ୍ୟୁ କୁ ଅପେକ୍ଷା କରି ବସି ରହିଛି। ୨/୪ ଦିନ ଅନ୍ତରରେ ଥରେ ଲେଖାଏଁ ଡାକ୍ତରଖାନାକୁ ଯାଇ ଡାଏଲିସିସ କରୁଛନ୍ତି। ଆଇମାଲ ନିବାସୀ ସଦାନନ୍ଦ ବରିହାଙ୍କ ପୁତ୍ର ଚନ୍ଦ୍ରକେତୁ ଙ୍କ ଦେହ ଅସୁସ୍ଥ ହେବାରୁ ଗତ ଅଗଷ୍ଟ ମାସରେ ବୁର୍ଲା ବଡ଼ ମେଡ଼ିକାଲରେ ତାଙ୍କୁ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ବିଭିନ୍ନ ପ୍ରକାର ଟେଷ୍ଟ କରିବା ପରେ ତାଙ୍କର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣା ପଡ଼ିଥିଲା। ଚନ୍ଦ୍ରକେତୁ ଗରିବ ଆଦିବାସୀ ପରିବାରର ହୋଇଥିବା ବେଳେ ଏହି ଚିକିତ୍ସା ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଦରକାର ହେବ ବୋଲି ଜାଣିବା ପରେ ପରିବାର ଅସହାୟ ହୋଇ ପଡ଼ିଛନ୍ତି। ଏତେ ଟଙ୍କା କେମିତି

**କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ଆର୍ଥିକ ସହାୟତା ନିବେଦନ**

ଆସିବ ଚିନ୍ତାରେ ପରିବାର ଲୋକ ମଧ୍ୟ ଭାରାକ୍ରାନ୍ତ ହୋଇପଡ଼ିଛି। ଚନ୍ଦ୍ରକେତୁଙ୍କ ଦୁଇଟି ଛୋଟ ଝିଅ ମଧ୍ୟ ଅଛନ୍ତି। ତାଙ୍କ ସ୍ତ୍ରୀ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ବିଭିନ୍ନ ସମୟରେ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ଼ର ସହାୟତା ମଧ୍ୟ ସରିଯିବା ଉପରେ। ଚନ୍ଦ୍ରକେତୁଙ୍କ ଜୀବନ ବଞ୍ଚାଇବା ପାଇଁ ପରିବାର ଲୋକ ଏକ ପ୍ରକାର ନିରାଶ ହୋଇଯାଇଛନ୍ତି। ତାଙ୍କ ଚିକିତ୍ସା ପାଇଁ ସରକାରୀ, ବେସରକାରୀ ଆର୍ଥିକ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତି ସାହାଯ୍ୟ ସହଯୋଗ କରିବା ପାଇଁ ଚନ୍ଦ୍ରକେତୁ ତଥା ତାଙ୍କ ପରିବାର ଆକୁଳ ନିବେଦନ କରିଛନ୍ତି। ତାଙ୍କର ଏହି ନିବେଦନ କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ରଶ୍ମିତା ମେହେର ରାଜ୍ୟସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡର ଦୃଷ୍ଟି ଆକର୍ଷଣ କରିଛନ୍ତି। ଚନ୍ଦ୍ରକେତୁଙ୍କ ମୋବାଇଲ ନମ୍ବର ୭୦୭୭୯୯୪୦୪୬ରେ ଯୋଗାଯୋଗ କରି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କଲେ ଗୋଟିଏ ଅମୂଲ୍ୟ ଜୀବନ ବଞ୍ଚିଯାଇ ପାରନ୍ତା।



# ଝାରପାଲି ସୀତାରାମ ମନ୍ଦିର ପ୍ରତିଷ୍ଠା

**ଅମ୍ବାଭୋନା, ୮।୪(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଝାରପାଲି ଗ୍ରାମରେ ସୀତାରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନର ସ୍ୱପ୍ନ ସାକାର କରିବାକୁ ସମଗ୍ର ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ସୋମବାର ସକାଳୁ ଅଦିନିଆ ବର୍ଷା ସତ୍ତ୍ୱେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଜାରି ରହିଥିଲା। ସନ୍ଧ୍ୟା ଆଳତି ଦର୍ଶନ କରିବାପାଇଁ ପ୍ରବଳ ଜନଗହଳି ହୋଇଥିଲା। ମୁଖ୍ୟ ପଣ୍ଡିତ ଭାବରେ ଗଙ୍ଗାରାମ ଦାଶ ମନ୍ତ୍ରପାଠ କରି ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ଅଶୋକ ଦାଶ, ଅଶୋକ କୁମାର ମହାପାତ୍ର, ଆଶିଷ ମିଶ୍ର, ଦୋଳଗୋବିନ୍ଦ ରଥ, ଦିଲ୍ଲିପ ଦାଶ, ପ୍ରଫୁଲ୍ଲ ଶତପଥୀ, ସତ୍ୟନାରାୟଣ ଦାଶ, ଗୌରହରି ପଣ୍ଡା ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀତା ଓ ପ୍ରଭାସିନୀଙ୍କ ସଞ୍ଚାର କଳା ପରିବେଷଣ, ଗୋପାଳ ପଣ୍ଡାଙ୍କ ଅଭିନୀତ ରାମଲୀଳା, ବରଗଡ଼ର ଡଲିଆଖୁସା ଏବଂ ଲସ୍ତଲାର ସୁରୁଜମୁଖୀ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଲୋକ ମହୋତ୍ସବ ପରିବେଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଗ୍ରାମର ସ୍ୱେଚ୍ଛାସେବୀ ଯୁବଗୋଷ୍ଠି ସହଯୋଗ କରିଥିଲେ।



### ଆନ୍ଦୋଳନ ପ୍ରତ୍ୟାହାର କରିବେ ଘୁନଘୁଟିପଡ଼ା ବିସ୍ଥାପିତ

# ଶେଷରେ ପ୍ରଣବ ପ୍ରକାଶଙ୍କ ଉପରେ ଭରସା କଲେ ବିସ୍ଥାପିତ

ସମ୍ବଲପୁର, ୮।୪(ସମିସ)

ସମ୍ବଲପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନରତ ଘୁନଘୁଟିପଡ଼ାବାସୀଙ୍କ ଆନ୍ଦୋଳନ ଆସନ୍ତା ବୁଧବାର ଦିନଠାରୁ ସ୍ଥଗିତ ହେବ। ଆଜି ଆନ୍ଦୋଳନ ସ୍ଥଳରେ ଏକ ସାଧାରଣ ବୈଠକ ହୋଇଥିଲା। ସର୍ବସମ୍ମତି କ୍ରମେ ୯୦ଦିନ ଧରି ଚାଲିଥିବା ଆନ୍ଦୋଳନ ସ୍ଥଗିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଯୋଗ ଶୁଣିବା ପରେ ଦେଇଥିବା ପ୍ରତିଶ୍ରୁତି ଓ ଗତକାଲି ଲୋକସଭା ପ୍ରାର୍ଥୀ ତଥା ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଆଲୋଚନା କରି ବୁଝାଇଥିଲେ। ଆନ୍ଦୋଳନକାରୀମାନେ ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ଆନ୍ଦୋଳନରୁ ଓହରିଯାଇଥିବା କହିଛନ୍ତି। ରାଜ୍ୟ ସରକାର ଗରିବ, ନିରୀହମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଆମ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ମିଳି ପାରୁନାହିଁ। ନିର୍ବାଚନ ପରେ ଆମର ଦାବି ସରକାର ପୂରଣ କରିବେ ବୋଲି ଆଶା କରିଥିବା ସେମାନେ କହିଛନ୍ତି। ସବୁ ସମସ୍ୟାର ସମାଧାନ ନିର୍ବାଚନ ପରେ ହେବା ନେଇ ପ୍ରଣବ ପ୍ରକାଶ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ସାଥୀରେ ଅଛନ୍ତି ବୋଲି ବୁଝାଇଥିଲେ। ଆନ୍ଦୋଳନକାରୀମାନଙ୍କ ସହ ଘଟିଥିବା ଦୁଃଖଦ ଘଟଣା ସେମାନେ ବଖାଣିଥିଲେ। ସମସ୍ତ କଥା ଶୁଣି ବବି ଦାସ ସବୁ ସମସ୍ୟାର ସମାଧାନ ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘୁନଘୁଟିପଡ଼ାବାସୀ ବହୁ ଦିନ ଧରି ପିଲାଛୁଆଙ୍କୁ ଧରି ଆନ୍ଦୋଳନ କର ଆସୁଥିଲେ। ଏବେ ନିର୍ବାଚନ ଆଚରଣ ବିଧି ଲାଗି ଥିବାରୁ କୌଣସି ନୂତନ କାମ ହୋଇପାରିବ ନାହିଁ। ତେଣୁ ଆପଣମାନେ କିଛି ସମୟ ଦିଅନ୍ତୁ ବୋଲି ଶ୍ରୀ ଦାସ କହିଥିଲେ। ସମଲେଇ ପ୍ରକଳ୍ପରେ ବିସ୍ଥାପିତ ଘୁନଘୁଟିପଡ଼ାବାସୀ ପ୍ରାୟ ୯୦ ଦିନର ଆନ୍ଦୋଳନ ପରେ ସମସ୍ୟାର ସମାଧାନ ନ ହେବାରୁ ଜିଲ୍ଲାପାଳଙ୍କ ଅଫିସ ପରିସରକୁ ପଶି ଆନ୍ଦୋଳନରେ ବସିଛନ୍ତି। ପିଲାଛୁଆମାନଙ୍କୁ ନେଇ ମହିଳା ଓ ପୁରୁଷମାନେ ଦିନରାତି ଆନ୍ଦୋଳନ କରିଆସୁଛନ୍ତି। ପ୍ରଶାସନିକ ସ୍ତରରେ ଅନେକ ଥର ଆଲୋଚନା କରାଯାଇଛି ହେଲେ ସଫଳ ହୋଇପାରି ନଥିଲା। ଅଭିଯୋଗ କ୍ରମେ ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ସହ



୬୪୦ବର୍ଗଫୁଟ୍ ଜମି ପ୍ରଦାନ କରାଯାଇଛି। କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର ଓ କେତେକ ପରିବାରକୁ ବାଦ୍ ଦିଆଯାଇଥିବା ଅଭିଯୋଗ କରି ଜାନୁଆରୀ ୧୦ତାରିଖରୁ ଆନ୍ଦୋଳନ କରିଆସୁଛନ୍ତି। ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ମାସିକ ୧୨ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ଲକ୍ଷ ଟଙ୍କା ପ୍ରଦାନ ଓ ଘୁନଘୁଟିପଡ଼ାର ବାଦ ପଡ଼ିଥିବା ୨୮ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀଙ୍କ ଦାବି ରହିଛି। ଦଳିତ ପରିବାରଙ୍କୁ ଗୃହ ନିର୍ମାଣ ସହାୟତା ରାଶି ୩ଲକ୍ଷ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୨୦ଲକ୍ଷ ଟଙ୍କା ଦିଆଯାଇଛି। ପୁଣି ଦଳିତ ପରିବାରକୁ ସାମଗ୍ରୀ ନେବାଆଣିବା ନିମନ୍ତେ ପରିବହନ ଖର୍ଚ୍ଚ ୧୦ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇ ପାତରଅନ୍ତର କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କେତେକ ପରିବାରକୁ ୬ମାସର ଘରଭଡ଼ା ବାବଦକୁ ମାତ୍ର ୧୫ହଜାର ଓ ଅନ୍ୟମାନଙ୍କୁ ୧ଲକ୍ଷ ୪୪ ହଜାର ଟଙ୍କା ଦିଆଯାଇଛି। ଥଇଥାନ ବେଳେ କେତେକଙ୍କୁ ୬୪୦ବର୍ଗଫୁଟ୍ ଓ ଅନ୍ୟ କେତେକଙ୍କୁ ୧୨୦୦ବର୍ଗଫୁଟ୍ ଜମି ଯୋଗାଇ ଦିଆଯାଇଛି। ଏପରି ପାତରଅନ୍ତର ଅଭିଯୋଗରେ ଘୁନଘୁଟିପଡ଼ାବାସୀ ଆନ୍ଦୋଳନ କରି ଆସୁଥିଲେ।

## ଏମ୍‌ସ ମହାବିଦ୍ୟାଳୟର ଦୁଇ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ



ସମ୍ବଲପୁର, ୮।୪ (ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବରେ ସମ୍ବଲପୁର ଏମ୍‌ସ ଯୁକ୍ତତିନି ମହାବିଦ୍ୟାଳୟର ଦୁଇ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଅନୁଷ୍ଠାନର ଛାତ୍ରୀ ଗାୟତ୍ରୀ ଭୋଇ(ସମ୍ମାନ ଉଦ୍ଭିଦ ବିଜ୍ଞାନ) ଏବଂ ଛାତ୍ର ବେଦ ପ୍ରକାଶ ସାହୁ(ସମ୍ମାନ ରସାୟନ ବିଜ୍ଞାନ)ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପୁରସ୍କାର ମିଳିଥିବାରୁ ମହାବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ତଥା ସମସ୍ତ ଅଧ୍ୟାପକ ଏବଂ ଶିକ୍ଷାରତ ଛାତ୍ରଛାତ୍ରୀଙ୍କ ମନରେ ଖୁସି ଖେଳିଯାଇଛି। ପ୍ରତିକ୍ରିୟା ସ୍ୱରୂପ ଉକ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା, ପରିଚାଳନା କର୍ତ୍ତୃପକ୍ଷ ଏବଂ ଅନ୍ୟ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସମ୍ବଲପୁର,୮।୪(ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ୨୦୨୪ବର୍ଷ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ



ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରୋଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ପ୍ରୋଫେସର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଗାମୀଦିନର ଶୃଙ୍ଖଳା ଉପରେ ବିଶଦ ଆଲୋଚନା କରିଥିଲେ। ଏହାସହ ପିଲାମାନଙ୍କୁ ନିୟମିତ ଭାବେ ପ୍ରତ୍ୟେକ ରବିବାର ଦିନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଜ୍ଞ ଶିକ୍ଷଙ୍କ ସହ ଭାବବିନିମୟର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ଗତବର୍ଷ ଏହି ପାଠ୍ୟକ୍ରମରେ ସଫଳତା ପାଇଥିବା ସୋନାଲି, ଅଙ୍କିତା, ରାଜଶ୍ରୀ ଓ ଛାତ୍ର ମଞ୍ଜିତ ନିଜ ଅଭିଜ୍ଞତା ବର୍ଣ୍ଣନା କରି ନବାଗତଙ୍କୁ ପ୍ରେରିତ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ନାଗାରାଜୁ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଲାଇବ୍ରେରୀର ଏହା ଏକ ଅନନ୍ୟ ପ୍ରୟାସ ବୋଲି କହିଥିଲେ। କେବଳ ଭାଗ୍ୟବାନ ଛାତ୍ରଛାତ୍ରୀଙ୍କୁ ଏପରି ସୁଯୋଗ ପ୍ରାପ୍ତ ହୁଏ ବୋଲି ପ୍ରୋତ୍ସାହନ ଦେଇ କାର୍ଯ୍ୟକ୍ରମର ସଫଳତା ପାଇଁ ତାଙ୍କ ଅନୁଷ୍ଠାନ ତରଫରୁ ସବୁ ପ୍ରକାର ସାହାଯ୍ୟ ଦିଆଯିବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, କାମଦେବ ସାହୁ, ନିରୂପମା ବଡ଼ପଣ୍ଡା, ଡାକ୍ତର ଜୟଦେବ ମେହେର, ଅରବିନ୍ଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏହାର ସୁଯୋଗ ନେବାକୁ ଛାତ୍ରଛାତ୍ରୀଙ୍କୁ ଜଣେଇଥିଲେ। ସଭାରେ ଚଳିତ ବର୍ଷ ପ୍ରଶିକ୍ଷଣ ଶିବିରରେ ପଞ୍ଜିକୃତ ମହାନଗର ଅଧିନସ୍ତ ୧୭ଟି ହାଇସ୍କୁଲରୁ ୭୨ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା, ବିଷୟ ବିଶାରଦ ଗିରିଧାରୀ ହୋତା, ଉଦିତ ପାଟଯୋଶୀ, ଶିବଶଙ୍କର ଷଡଙ୍ଗୀ, ପ୍ରୋଫେସର ରବି ମିଶ୍ର, ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଦୀପ ପଣ୍ଡା ସମେତ ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ, ଦୀପାଲି ଚୌଧୁରୀ ଓ ରାକ୍ଷୀ ମହାପାତ୍ର ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋଳକ ବିହାରୀ ମିଶ୍ର, ସୁନନ୍ଦା ପ୍ରଧାନ, ବିଜୟ ସାହୁ, ଲାଇବ୍ରେରୀର ଛାତ୍ର ମାନସ, ଗଦାଧର, ଲକ୍ଷ୍ମଣ ଓ କରଣ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଓ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ଶେଷ ହେଇଥିଲା।



ଫେଲ୍ ମାରିଛି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା
ଏବେ ବି ଜଙ୍ଗଲରୁ ଜାଳେଣି ସଂଗ୍ରହ କରୁଛନ୍ତି ମହିଳା
ଫଟୋ ନରସିଂହ

## କଫ୍ ସିରପ୍ ଜବତ ଦୁଇ ଗିରଫ

**ସମ୍ବଲପୁର, ୮।୪(ସମିସ):** ସମ୍ବଲପୁର ସଦର ଥାନା ପୁଲିସ ଆଜି ପାଟ୍ରୋଲିଂ ସମୟରେ ୩୫ଟି କଫ୍ ସିରପ ବୋତଲ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ମାନେଶ୍ୱରର ରାଜକୁମାର ସାହୁ(୨୮) ଓରଫ୍ ରାଜୁ ଓ କୃତିପୁରର ଶ୍ରୀକାନ୍ତ ପାତ୍ର(୩୦)। ସେମାନଙ୍କ ପାଖରୁ ୧୮ ଲିଟର ତରଳ ପଦାର୍ଥ ସହ ୫ଟି ଖୋଲା କଫ୍ ସିରପ୍ ବୋତଲ ଜବତ ହୋଇଛି। ଏହାସହ ୫ଟି ନାଇଟ୍ରୋ ବଟିକା, ୧୦ଟି ଖୋଲା ପ୍ଲାଷ୍ଟିକ ଗ୍ଲାସ ଓ ୩୦୦ଟଙ୍କା ସଦର ପୁଲିସ ଜବତ କରିଛି। ସଦର ପୁଲିସ ମାନେଶ୍ୱର ହାଟପଡ଼ାରେ ଏହି ଅଭିଯୁକ୍ତମାନେ କଫ୍ ସିରପ ବିକ୍ରି କରୁଥିବାବେଳେ ଚଢଉ କରିଥିଲା।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ରକ୍ତଦାନ



**ବୁର୍ଲା, ୮।୪(ସମିସ):** ବୁର୍ଲା ଆଇଏମ୍ଏ ଶାଖା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ରକ୍ତ ଭଣ୍ଡାର ସଭାଗୃହରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡାକ୍ତର ସାଧୁଚରଣ ପଣ୍ଡା ଚଳିତ ବର୍ଷର ଥିମ ମୋର ସ୍ୱାସ୍ଥ୍ୟ, ମୋର ଅଧିକାର ଉପରେ ତଥ୍ୟଭିତ୍ତିକ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଜଣ ଡାକ୍ତରୀ ଛାତ୍ର ରକ୍ତଦାନ କରିଥିଲେ।

## ଡାକମଣ୍ଡଳ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୮।୪(ସମିସ):** ସମ୍ବଲପୁର ଡାକମଣ୍ଡଳ ପକ୍ଷରୁ ଆଜି ଭୋଟର ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଏକ ପ୍ରଭାତଫେରୀ ଆୟୋଜିତ ହୋଇଥିଲା। ଡାକ କର୍ମଚାରୀମାନେ ବିଭିନ୍ନ ପୋଷ୍ଟର, ବ୍ୟାନର ଏବଂ ପ୍ଲାକାର୍ଡ ମାଧ୍ୟମରେ ସଚେତନା ସୃଷ୍ଟି କରିଥିଲେ। ସମ୍ବଲପୁର ଡାକମଣ୍ଡଳ ସହକାରୀ ଅଧିକ୍ଷକ ସମ୍ବିତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଭାତଫେରୀ ପିଏମ୍‌ଜି ଅଫିସ୍ ସମ୍ମୁଖରୁ ବାହାରି ଜେଲଛକ ଗୋବିନ୍ଦଟୋଲା ମଧ୍ୟ ଦେଇ ଧନୁପାଲି ପର୍ଯ୍ୟନ୍ତ ଯାଇଥିଲା। ପୁଣି ସେଠାରୁ ନେଲସନ ମାଣ୍ଡେଲା ଛକକୁ ଫେରିଥିଲା। ଜନସମ୍ପର୍କ ଅଧିକାରୀ ଅରୁଣ କୁମାର ଲାଟା ତଥା ସମ୍ବଲପୁର ଡାକମଣ୍ଡଳର ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗରେ ସୂଚାରରୂପେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ସମ୍ବଲପୁର ଡାକମଣ୍ଡଳର ଡାକ ଅଧିକ୍ଷକ ତାପସ କୁମାର ଦାସ ତାଙ୍କର ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ମଙ୍ଗଳା ମନ୍ଦିରରେ ବାସନ୍ତୀକ ନବରାତ୍ର ପାଇଁ କଳସ ଅଧିବାସ

**ସମ୍ବଲପୁର, ୮।୪(ସମିସ):** ସମ୍ବଲପୁର ସହର ଭୂତାପଡ଼ା ମା'ମଙ୍ଗଳା ମନ୍ଦିରରେ ବାସନ୍ତୀକ ନବରାତ୍ର ପୂଜନୋତ୍ସବ ସକାଶେ ସୋମବାର ଚୈତ୍ର ଅମାବାସ୍ୟା ତିଥିରେ କଳସାଧୀବାସ ହୋଇଥିଲା। ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କଳସ ଶୋଭାଯାତ୍ରା ହୋଇଥିଲା। ସହରର ଶତାଧିକ ମହିଳା ଓ ପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣି ବିଧି ମୁତାବକ ମଙ୍ଗଳାଙ୍କ ପୀଠେ ପୂଜନୋତ୍ସବ ହୋଇଥିଲା। ଭୂତାପଡ଼ା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜା କାର୍ଯ୍ୟ କରୁଛନ୍ତି। ନବରାତ୍ରି ପୂଜା ୯ରୁ ୧୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନ୍ଦିର କମିଟିର ରବୀନ୍ଦ୍ର ଜେନା, ସାଧବ ପ୍ରଧାନ, ରମାକାନ୍ତ ଜେନା, ସୁଶାନ୍ତ ମହାପାତ୍ର, ନାରାୟଣ ଦାନୀ, ଧନେଶ୍ୱର ରାୟ, ଅସିତ କୁମାର ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ୍ ନିବାସୀ ସରୋଜ ସାହୁ ଓ ସାଗରୀକା ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।



## ନିଖିଳ ଉତ୍କଳ ଗୃହରକ୍ଷୀ ସଂଘର ଜିଲ୍ଲାସ୍ତରୀୟ ବୈଠକ

**ସମ୍ବଲପୁର, ୮।୪ (ସମିସ):** ସମ୍ବଲପୁର ବୁଢ଼ାରଜା ପାହାଡ଼ରେ ସୋମବାର ୧୦ଟାରେ ନିଖିଳ ଉତ୍କଳ ଗୃହରକ୍ଷୀ ସଂଘ ସମ୍ବଲପୁର ଜିଲ୍ଲା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସବୁ ସଭ୍ୟ, ଉପଦେଷ୍ଟା କମିଟି ଓ ଜିଲ୍ଲା ଜୋନ କମିଟିର ସଭ୍ୟ ତଥା ବିଭିନ୍ନ ଥାନାରେ ନିୟୋଜିତ ଗୃହରକ୍ଷୀମାନେ ଉପସ୍ଥିତ ଥିଲେ। ସମ୍ମିଳନୀକୁ ସମ୍ବଲପୁର ଜିଲ୍ଲା ସଭାପତି ସୁଶାନ୍ତ କୁମାର ପ୍ରଧାନ ଓ ସମ୍ପାଦକ ରଶ୍ମି ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ଏଥିରେ ଗୃହରକ୍ଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା।

## ଡେବ୍ରିଗଡ଼ରେ 'ପଶୁପକ୍ଷୀଙ୍କଠାରୁ ମନୁଷ୍ୟର ଶିକ୍ଷା' ତାଲିମ କାର୍ଯ୍ୟକ୍ରମ



**ସମ୍ବଲପୁର, ୮।୪(ସମିସ):** ଡେବ୍ରିଗଡ଼ ଅଭୟାରଣ୍ୟଠାରେ 'ପଶୁପକ୍ଷୀଙ୍କ ଠାରୁ ମନୁଷ୍ୟର ଶିକ୍ଷା' ଶୀର୍ଷକ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କିଶୋର ମେହେର ପରିଚାଳନା କରିଥିବାବେଳେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଷୟ ସହିତ ବିଭିନ୍ନ ଗପ ମାଧ୍ୟମରେ ପ୍ରକୃତିର ବିଭିନ୍ନ ଶିକ୍ଷା ଉପରେ ସୂଚନା ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ସମ୍ବଲପୁର ଗାୟତ୍ରୀ ଯୁକ୍ତଦୁଇ କଲେଜର ଛାତ୍ରୀମାନେ ଯୋଗଦେଇଥିଲେ। କଲେଜ ପରିବେଶରୁ ବାହାରି ଜଙ୍ଗଲ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶ ମଧ୍ୟରେ ପଶୁପକ୍ଷୀମାନଙ୍କ ଗହଣରେ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହିତ ଭାଗ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ହୀରାକୁଦ ବନ୍ୟଜନ୍ତୁ ଡିଭିଜନର ମୁଖ୍ୟ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କ ତତ୍ତ୍ୱାବଧାନରେ ନିୟମିତ ଭାବରେ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ସପ୍ତାହରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯୋଗଦେଉଛନ୍ତି।

# 'ସଏଲ୍' ପକ୍ଷରୁ ଡାଇରିଆ ଓ ଅଂଶୁଘାତ ଉପରେ ସଚେତନତା

ସମ୍ବଲପୁର, ୮।୪(ସମିସ)

ସମ୍ବଲପୁର ଜିଲ୍ଲା ବୁର୍ଲା ସହରରେ ଥିବା ଭୂଇଁଡୁଙ୍ଗୁରି ପଡ଼ାରେ 'ସଏଲ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଂଶୁଘାତ ଓ ଡ଼ାଇରିଆ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାରେ ବଢୁଥିବା ତାପମାତ୍ରାକୁ ଆଖିଆଗରେ ରଖି ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ଅନବିତ ସାହୁ ସଏଲ ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ଆଲୋଚନା କରି କାର୍ଯ୍ୟକ୍ରମଟିକୁ ଆରମ୍ଭ କରିବା ସହ ସୁସ୍ଥ ସମାଜ ହିଁ ଉନ୍ନତ ସମାଜ ବୋଲି ବାର୍ତ୍ତା ଦେଇଥିଲେ। ସମ୍ବଲପୁରରେ ବ୍ୟାପୁଥିବା ଡ଼ାଇରିଆ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସଏଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଜ୍ୟୋତିବିହାର ସଂସ୍କାର କେନ୍ଦ୍ରର ଛାତ୍ରଛାତ୍ରୀ ଓ ଉକ୍ତ ଗ୍ରାମର ଲୋକମାନଙ୍କୁ ନେଇ ଏକ ର୍‌ୟାଲି କରାଯାଇଥିଲା। ର୍‌ୟାଲିରେ ଭୂଇଁ ଡୁଙ୍ଗରି ପଡ଼ାର ସମସ୍ତ ଘର ବୁଲି ଲୋକଙ୍କୁ ଅଂଶୁଘାତ ଓ ଡ଼ାଇରିଆ ସମ୍ବନ୍ଧରେ ସଚେତନ କରାଯିବା ସହ ସହରାଞ୍ଚଳ ପ୍ରାଥମିକ ଚିକତ୍ସାଳୟ, ବୁର୍ଲାର ସହାୟତାରେ ଓଆର୍‌ଏସ୍ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ଡ଼ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ବଢୁଥିବା ଖରା ପ୍ରଭାବରୁ କିପରି




ରକ୍ଷା ପାଇପାରିବା, ଅଂଶୁଘାତ ଓ ଡ଼ାଇରିଆରୁ କିପରି ନିଜକୁ ବଞ୍ଚାଇ ପାରିବା ସେ ବିଷୟରେ ଛାତ୍ରଛାତ୍ରୀ ସମେତ ଲୋକମାନଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ବୀରସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜିର ସହକାରୀ ଅଧ୍ୟାପକ ଡ଼ ଚନ୍ଦ୍ରମଣି ଯୋଗଦେଇ ଜଳୀୟ ଅଂଶ ଥିବା ଖାଦ୍ୟ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନାରାୟଣ କଲେଜ ଝାରସୁଗୁଡ଼ାର ଅଧ୍ୟାପିକା ଡ.ଶୁଭଲକ୍ଷ୍ମୀ ବାରିକ ଓ ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପିକା ଡ.ଲୁଶିସ୍ମିତା ଜେନା ଯୋଗଦେଇ ଡ଼ାଇରିଆ ଓ ଅଂଶୁଘାତ ନିରାକରଣ ଉପାୟ ଲୋକମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ଅଂଶୁଘାତ ଓ ଡ଼ାଇରିଆରୁ କିପରି ବର୍ଣ୍ଣିପାରିବେ ସେ ବିଷୟରେ ବୁଝିଥିଲେ। ଅତିଥିଭାବେ ପରିବେଶ ବିଜ୍ଞାନ ଅଧ୍ୟାପକ ଡ. ମଳୟ ମହାନନ୍ଦ ଓ ଏମବିଏ ବିଭାଗର ଅଧ୍ୟାପକ ଡ଼ ଦେବେନ୍ଦ୍ର କୁମାର ମହାଲିକ, ଜ୍ୟୋତିବିହାର ସଂସ୍କାର କେନ୍ଦ୍ରର ସମାଜସେବୀ ସୁକାନ୍ତ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରେମ ପ୍ରକାଶ ପାତ୍ର, ପ୍ରଭୁଦତ୍ତ ପାଣିଗ୍ରାହୀ, ରାହୁଲ ମହାପାତ୍ର, ଦୁର୍ଯ୍ୟୋଧନ ମଲିକ, ସଙ୍ଘମିତ୍ରା ସାମଲ, ରଞ୍ଜିତ ସିଂହ, ହିମାଂଶୁ, ବିନ୍ଦୁ ଶ୍ରୀ ସାମଲ, ନିକି ବେହେରା, ନିବେଦିତା ପ୍ରଧାନ, ମହମଦ ସୋହେଲ କୁରେସୀ, ରୋଜାଲିନ ମାଝୀ, ସୁମି ନାୟକ, ଶ୍ୱେତପଦ୍ମା ଲରିଆ, ତୃପ୍ତିବାଳା ମିଶ୍ର, ଦେବୀପ୍ରସାଦ ଓ ନାରାୟଣ ହେମ୍ବ୍ରମ ଯୋଗଦେଇଥିଲେ। ସଏଲ ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ ଶିଖା ପାତ୍ର, ପ୍ରତୀକ ଦାସ, ମନୋଜ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରତ୍ୟୁଷ ପ୍ରଧାନ, ବୀରେନ୍ଦ୍ର ଦଣ୍ଡପଟ, ପରମେଶ୍ୱର ମଲିକ, ସୌମ୍ୟ ପ୍ରଧାନ, ବିଭୁତି ଭୂଷଣ ନାୟକ, ସ୍ଥିତପ୍ରଜ୍ଞା ଜେନା ସହଯୋଗ କରିଥିଲେ। ସଭା ଶେଷରେ ସଂଗଠନର ସମ୍ପାଦକ ଅଂଶୁମାନ ଦାସ ଧନ୍ୟବାଦ ଦେଇଥିଲେ।

# ମଦ କାରବାରରେ ଯୁବକ ଗିରଫ



**ଦେବଗଡ଼, ୮।୪(ସମିସ):** ଦେବଗଡ଼ ଥାନା ପୁଲିସ ବେଆଇନ ମଦ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ବିଶିବାଲିପୋଷି ଗ୍ରାମର କାଶୀନାଥ ବୁଡ଼ା। ଦେବଗଡ଼ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ସେ ବେଆଇନ ଭାବେ ମଦ ନେଇ ଘରକୁ ଯାଉଥିବା ବେଳେ ଧରା ପଡ଼ିଥିଲା।

# କକା, ପୁତୁରାଙ୍କୁ ଆକ୍ରମଣ କରି ଦୁଇ ଯୁବକ ଗିରଫ

**ଝାରସୁଗୁଡ଼ା, ୮।୪(ସମିସ):** ବଡ଼ମାଲ ଥାନା ଅନ୍ତର୍ଗତ ଖଏଟ ଗ୍ରାମରେ ସୋମବାର ସନ୍ଧ୍ୟା ୬ଟାରେ ଦୁଇ ଯୁବକ ଝଗଡ଼ା କରୁଥିଲେ। ଗାଁ ରାସ୍ତାରେ ଯାଉଥିବା ପୁରନ୍ଦର ମାଝୀ ଏମାନଙ୍କୁ ବାରଣ କରିବାରୁ ଝଗଡ଼ା କରୁଥିବା ଦୁଇ ଯୁବକ ଝସକେତନ ମାଝୀ ଓ ସରୋଜ ଉର୍ମା ପୁରନ୍ଦରକୁ ଆକ୍ରମଣ କରି ମୁହଁ ଫଟେଇ ଦେଇଛନ୍ତି। ପୁତୁରା ପୁରନ୍ଦରଙ୍କୁ ଆକ୍ରମଣ ହେଉଥିବା ଦେଖି କକା ଶ୍ରଦ୍ଧାକର ମାଝୀ ତାଙ୍କୁ ରକ୍ଷା କରିବାକୁ ଯାଇ ଦୁଇ ଯୁବକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ବଡ଼ମାଲ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ଆକ୍ରମଣ କରିଥିବା ୨ ଯୁବକଙ୍କୁ ପୁଲିସ ଗିରଫ କରିଛି।

# ଜମି ବିବାଦରେ ପୂର୍ଣ୍ଣଛେଦ ପଡ଼ିଲା

**ଦେବଗଡ଼, ୮।୪(ସମିସ)**

ରିଆମାଳ ବ୍ଲକ ଚଢ଼େଇମରା ପଞ୍ଚାୟତ ଖିଲବେର୍ଣ୍ଣି - ଝରାବେର୍ଣ୍ଣି ଗ୍ରାମ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯାଇଛି। ତେବେ ଝରାବେର୍ଣ୍ଣି ଗ୍ରାମରୁ ପ୍ରାୟ ଦେଢ଼ କିମି ପୂର୍ବରୁ ୩ଶହ ମିଟରର ଜମିକୁ ନେଇ ବିବାଦ ଲାଗି

**ଅଟକିଛି ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାମ**

**ଜମି ମାଲିକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚୁକ୍ତିନାମା**

ରହିଛି। ରାସ୍ତାରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ ଜମି ପଡୁଥିବାରୁ ସମସ୍ୟା ଦେଖା ଦେଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଆପତ୍ତି ଯୋଗୁଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତାଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇପାରିନାହିଁ। ଶେଷରେ ଏହି ସମସ୍ୟାର ସମାଧାନ ହୋଇଛି।



୨୦୧୭ରୁ ଏହି ରସ୍ତାକୁ ନେଇ ଗ୍ରାମବାସୀ ଓ ଜମି ମାଲିକଙ୍କ ମଧ୍ୟରେ ବିବାଦ ବଢ଼ି ବଢ଼ି ଚାଲିଛି। ଏଣୁ ଗ୍ରାମବାସୀ ସମ୍ପୃକ୍ତ ପରିବାର ସହ ସମ୍ପର୍କ ଛିନ୍ନ କରି ଦେଇଥିଲେ। ଗ୍ରାମର କୌଣସି ଯାନିଯାତ୍ରାରେ ଏହି ପରିବାରକୁ ସାମିଲ କରାଯାଉ ଥିଲା। ଏହି ଘଟଣାକୁ ନେଇ ଅନେକ ଥର ଗଣ୍ଡଗୋଳ ଘଟିଛି। ମାମଲା ଥାନା ଓ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଛି। ଶେଷରେ ଗ୍ରାମବାସୀଙ୍କ ଆବେଦନକୁ ବିଚାର କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସୋମବାର ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରିଆମାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ଓ କୁଣ୍ଢେଇଗୋଳା ଥାନା ଅଧିକାରୀ ପ୍ରତିଭା ଟପ୍ପୋଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ଥିଲା। ଏହାପରେ ଗାଁ ସଭାପତି ତୀର୍ଥବାସୀ ପ୍ରଧାନ ଓ ସମ୍ପାଦକ କେଶବ ଚନ୍ଦ୍ର ନାଏକଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ବିବାଦୀୟ ଜମିର ମାପଚୁପ ହୋଇଥିଲା। ଏହି ସମୟରେ ଜମିର ଦାବିଦାର ଗୁଣନିଧି ସାହୁଙ୍କ ପୁଅ ହୃଷିକେଶ ସାହୁ, ସୁଦର୍ଶନ ସାହୁ, ଅର୍ଜୁନ ମଣି ସାହୁ ଓ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାରେ ହୃଷିକେଶ ସାହୁଙ୍କ ନାମରେ ରେକର୍ଡ ଥିବା ଜଣାପଡ଼ିଥିଲା। ହୃଷିକେଶ ରାସ୍ତା ନିର୍ମାଣ ପାଇଁ ଜମି ଛାଡିବାକୁ ରାଜି ହୋଇଛନ୍ତି। ଗ୍ରାମବାସୀ ମଧ୍ୟ ବିନା ଜରିମାନାରେ ହୃଷିକେଶ ଓ ତାଙ୍କ ପରିବାରକୁ ଗାଁରେ ସାମିଲ କରିବକୁ ସମ୍ମତି ଦେଇଛନ୍ତି। ରାସ୍ତା ନିର୍ମାଣ ବେଳେ ଯେଉଳି କୌଣସି ବିବାଦ ସୃଷ୍ଟି ନ ହୁଏ ସେଥିପାଇଁଜମି ମାଲିକ ଓ ଗାଁ କମିଟି ମଧ୍ୟରେ ଚୁକ୍ତି ହେବା ସହ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ, ଡ୍ରାଇଭର ଅଟକ

**ଝାରସୁଗୁଡ଼ା, ୮।୪ (ସମିସ) :** ବଡ଼ମାଲ ଥାନା ଅନ୍ତର୍ଗତ ଭୁର୍କାମୁଣ୍ଡାର ଏକ ଶିଳ୍ପ ସଂସ୍ଥାକୁ କୋଇଲା ନେଇ ଯାଉଥିବା ଏକ ଟ୍ରକ (ଓଡ଼ି୧୬ଏଲ-୭୧୭୦) ଡ୍ରାଇଭର ଅରବିନ୍ଦ ଭୂୟାଁ ସୋମବାର ଅପରାହ୍ଣରେ ମୋବାଇ ଫୋନରେ କଥା ହୋଇ ଟ୍ରକ ଚଲାଉଥିଲେ। ଗେଟ୍‌ରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ମନୋଜ ବାଘ ଡ୍ରାଇଭରଙ୍କୁ ବାରଣ କରିବାରୁ ସେ ସୁରକ୍ଷା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗେଟରେ କାର୍ଯ୍ୟରତ ଅନ୍ୟ ସୁରକ୍ଷା କର୍ମଚାରୀ ମନୋଜଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ମନୋଜ ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ ଡ୍ରାଇଭରକୁ ଅଟକ ରଖି ପଚାରାଉଚୁରା କରୁଛି।

# ଘରେ ପଶି ସୁନାଗହଣା ଲୁଟ୍

**ଝାରସୁଗୁଡ଼ା, ୮।୪(ସମିସ):** ବଡ଼ମାଲ ଥାନା ଅନ୍ତର୍ଗତ ପଣ୍ଡରିପଥର ରାବଣପଡ଼ାରେ ସ୍ୱରାଜ ମୁଣ୍ଡାଙ୍କ ଘରୁ ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ୩ଜଣ ଦୁର୍ବୃତ୍ତ ସ୍ୱରାଜଙ୍କ ଘରେ ପଶି ତାଙ୍କ ପତ୍ନୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହିତ ମାରଧର କରି ସୁନା, ଟଙ୍କା ଆଦି ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀ ମଧ୍ୟରେ ଏକଯୋଡ଼ି ସୁନା ମଙ୍ଗଳସୂତ୍ର, ଏକଯୋଡ଼ି ସୁନା କାନଫୁଲ, ୩ଟି ସୁନା ରିଙ୍ଗ, ୨୫ଟି ରୂପା ଚେନ୍, ୨ଟି ରୂପା ପାଉଁଜି, ରୂପା ବଳା, ରୂପା ବାଜୁବନ୍ଧ ଆଦି ସମେତ ୧୦ହଜାର ଟଙ୍କା ନଗଦ ଓ ବ୍ୟାଙ୍କ ପାସବୁକ୍ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ବିଶାଶହେ ସମାଜର ପ୍ରଗଣା ମାଲିକ, କୁର ଅଭିଷେକ ଉତ୍ସବ

**କୋଲାବିରା, ୮।୪(ସମିସ):** କୋଲାବିରା ବ୍ଲକ କୁଲିତା ସମାସିଂହାରେ ବିଶାଶହେ ସମାଜର ପ୍ରଗଣା ମାଲିକ ଓ କୁର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଛି। ସୌକିଲାଲ୍ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଲପଙ୍ଗା ପୀଠାଧିସ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ରମେଶ ଚନ୍ଦ୍ର ସାହୁ, ଶେଖର ବିଶି, ଦୁର୍ଗାପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଭୂପେନ୍ଦ୍ର ବଡ଼େଇ, କୁବେର ପ୍ରଧାନ, ସନାତନ ପାତ୍ର, ରଘୁମଣି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଲଳିତ ସାହୁ ଓ ପ୍ରଦୀପ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ସମାସିଂହାର ପ୍ରଗଣା ମାଲିକ ସୌକିଲାଲ ବିଶ୍ୱାଳ, ସମାସିଂହାର ପାଲିକୁର ପ୍ରେମାନନ୍ଦ ବଶ୍ୱାଳ, ବେଉଁରାର ପାଲିକୁର ଲଳିତ ସାହୁ ଓ ଘିଚାମୁରାର ପାଲିକୁର ଝସକେତନ ସାହୁ ଅଭିଷେକ ଓ ଶପଥ ପାଠ କରାଯାଇଥିଲା। ପରମେଶ୍ୱର ପଧାନ, ନିତ୍ୟାନନ୍ଦ ପ୍ରଧାନ, ସୁଶୀଳ ପ୍ରଧାନ ପୂଜାକାର୍ଯ୍ୟ କରିଥିଲେ। ସୁରେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଖର ବିଶି ଧନ୍ୟବାଦ ଦେଇଥିଲେ।

# ବାଲିରୋଇରେ ଗ୍ୟାରେଣ୍ଟି କାର୍ଡ ବଣ୍ଟନ



**ଦେବଗଡ଼, ୮।୪(ସମିସ):** ସାଧାରଣ ନିର୍ବାଚନୀ ତାରିଖ ପାଖେଇ ଆସିଲାଣି। ଦେବଗଡ଼ ବିଧାନସଭା ଆସନ ନିମନ୍ତେ କଂଗ୍ରେସ କିନ୍ତୁ ପ୍ରାର୍ଥୀ ଘୋଷଣା କରିପାରିନି; ହେଲେ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିଛି। ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ବାଲିରୋଇରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ଅଲେଖ ନାଏକ, ଅନୁକୂଳ ନାଏକ, ରବି ହରିଜନ, ପୁଟୁ କିଷାନ, ପଞ୍ଚାନନ ସାହୁ, ଚିତ୍ରସେନ ସିଂ, ବାଲୁ ପ୍ରଧାନ ଓ ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସୁରେଖା ପାଣିଗ୍ରାହୀଙ୍କ ପରଲୋକ

**ଦହିତା, ୮।୪ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ଗ୍ରାମର ଧର୍ମପରାୟଣ ମହିଳା ତଥା ବିଜେପି ବରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀଙ୍କ ମାତା ସୁରେଖା ପାଣିଗ୍ରାହୀଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ନିରୋଜ, ସରୋଜ, ପୁତ୍ରବଧୂ ଏବଂ ନାତି ସୁମନ୍ତ ଉପସ୍ଥିତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ଥାନୀୟ ନଦୀ ପଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ଗାଁ ରାହାସ ମଣ୍ଡଳୀର ଜଣେ ସକ୍ରିୟ ସଦସ୍ୟ ଥିଲେ। ଜ୍ୟେଷ୍ଠ ପୁତ୍ର ନିରୋଜ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ସିରଜିନା ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ପଦ୍ମପୁର, ୮।୪(ସମିସ):** ସିରଜିନା ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ ପାଇଁ ଜିତେଶ୍ୱରୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ପଦ୍ମପୁର କଚେରି ପରିସରେ ଅନୁଷ୍ଠିତ ହୋଇଛି। ଆମେ ନାଟୁଆ ପଦମପୁରିଆର ସଭାପତି ବିଦେଶୀ ସାହୁ ପଦ୍ମପୁରରେ ଏକ ନାଟ୍ୟ ମହୋତ୍ସବ ତିନି ଦିନ ଧରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ଆସନ୍ତା ଡିସେମ୍ବର ମାସର ଶେଷ ସପ୍ତାହରେ କରାଯିବାକୁ ସ୍ଥିର କରାଗଲା। ପଦ୍ମପୁର ଓ ଆଖପାଖ ଅଞ୍ଚଳ ଛାତ୍ର ଛାତ୍ରୀମାନେ ଶିଶୁ ନାଟକ ପ୍ରତିଯୋଗିତାରେ ଭାଗ ନେଇ ପାରିବା ସହିତ ରାତିରେ ଓଡ଼ିଶାରେ ନାଁ କରି ଥିବା ଦଳ ମାନଂକୁ ଆମନ୍ତ୍ରଣ କରାଯିବାକୁ ଆଲୋଚନା କରାଯାଇଥିଲା। ଗଲା। ଆସନ୍ତା ୧୪ ତାରିଖରେ ବିଷୁବ ମିଳନକୁ ଆସିବାକୁ ସମସ୍ତ ସାହିତ୍ୟ ପ୍ରେମୀ କବିଙ୍କୁ ଅନୁରୋଧ କରାଯାଇଛି। ଏହିବୈଠକରେ ଆଦିତ୍ୟ ରଥ ରମଣୀ ରଞ୍ଜନ ବିଶ୍ୱାଳ ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ପ୍ରମୋଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ

**ବରପାଲି, ୮।୪(ସମିସ):** ବରପାଲି ଗଙ୍ଗାଧର ସ୍ମୃତି ଭବନ କମିଟି ଦ୍ୱାରା ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହର ଚତୁର୍ଥ ଦିବସ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ବରିଷ୍ଠ ଚିତ୍ରଶିଳ୍ପୀ ସରୋଜ ରାଉତଙ୍କ ଦ୍ୱାରା ସ୍ୱାଗତ ଜଣାଇବା ସହ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଡ଼. ଶୁକମୁନି ମେହେରଙ୍କ ଦ୍ୱାରା ସମ୍ବର୍ଦ୍ଧ ହୋଇଥିଲା। ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା କୁଳପତି ପ୍ରଫେସର ଏନ୍ ନାଗାରାଜୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉଦ୍‌ଘାଟନ ସହ ସ୍ୱଭାବକବିଙ୍କ ପତ୍ରାବଳି ଉନ୍ମୋଚନ କରିଥିବାବେଳେ କାବ୍ୟଗୁଡିକ ଅନ୍ୟ ଭାଷାରେ ଅନୁବାଦ ହେବାର ଯଥାର୍ତତା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ସାହିତ୍ୟର ଗବେଷକ ପବୀଣ ବକ୍ତା ଡ଼. କୃଷ୍ଣକେଶବ ଷଡ଼ଙ୍ଗୀ ତାଙ୍କର ସୁମଧୁର କଣ୍ଠରେ ଗଙ୍ଗାଧରଙ୍କ କବିତା ଆବୃତି ମାଧ୍ୟମରେ ଉପସ୍ଥାପନ କରିଥିଲେ। କମିଟି ସଭାପତି ଡ. ରବୀନ୍ଦ୍ର ଗଡ଼ତିଆ ଗଙ୍ଗାଧରଙ୍କୁ କିପରି ଉତ୍କଳ ସମ୍ମାନର ପ୍ରକୃତ ଅଧିକାରୀ ବିଷୟକୁ ନେଇ ସୁନ୍ଦରତାର ସହ ବୁଝାଇଥିଲେ। ଏହି ଅବସରରେ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ ଜିଲ୍ଲା ର ୨୮ ଜଣ ବିଜ୍ଞ ଚିତ୍ରଶିଳ୍ପୀମାନଙ୍କୁ ଗଙ୍ଗାଧର ସାହିତ୍ୟ ଉପରେ ଆଙ୍କିଥିବା ପେଣ୍ଟିଂ ମାନ ପ୍ରଦର୍ଶନ କରିଥିଲେ। ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ବିଭାଜନ ନ ହେଲେ ଭୋଟ ବର୍ଜନ ଚେତାବନୀ

**ଝାରସୁଗୁଡ଼ା, ୮।୪(ସମିସ):** ଲଖନପୁର ବ୍ଲକ ବିଭାଜନ ନ ହେଲ ଭୋଟ ବର୍ଜନ କରିବାକୁ ଲଖନପୁର ନାଗରିକ ପରିଷଦ ଚେତାବନୀ ଦେଇଛି। ଲଖନପୁର ନାଗରିକ ପରିଷଦ ପକ୍ଷରୁ ସୋମବାର ରେମତା ଓ ମୁହୁଦି ଗ୍ରାମରେ ଅନୁଷ୍ଠିତ ବୈଠକରେ ଲଖନପୁର ନାଗରିକ ପରିଷଦର ଅଧ୍ୟକ୍ଷ ପିତାମ୍ବର ମିଶ୍ର ଯୋଗଦେଇ ସରକାର ଓଡ଼ିଶାର ଦ୍ୱିତୀୟ ସର୍ବ ବୃହତ୍ତମ ବ୍ଲକ ଲଖନପୁରକୁ ବିଭାଜନ କରିବା ସହିତ ଏକ ସବ ଡ଼ିଭିଜନ ଘୋଷଣା କରିବାକୁ ଦାବି କରିଛନ୍ତି। ସରକାର ଏହି ଦାବି ପୂରଣ ନ କଲେ ଭୋଟ ବର୍ଜନ କରିବାକୁ ସେମାନେ ଚେତବନୀ ଦେଇଛନ୍ତି। ଏହ ଅବସରରେ ଲଖନପୁର ନାଗରିମ ପରିଷଦରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



**ଝାରସୁଗୁଡ଼ା, ୮।୪(ସମିସ):** ଝାରସୁଗୁଡ଼ାରେ ଏକ ସାମାଜିକ ଗଣ ମଧ୍ୟମରେ ଜଣେ ବ୍ୟକ୍ତି ଆପତ୍ତି ଜନକ ତଥା ସାମାଜିକ ଐକ କ୍ଷୁର୍ଣ୍ଣ କଲା ଭଳି ମନ୍ତବ୍ୟ ପୋଷ୍ଟ କରିଥିବାରୁ ଝାରସୁଗୁଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କିଛିଦିନ ଲୋକଙ୍କ ମଧ୍ୟରେ ଘୃଣା ସୃଷ୍ଟି କରିବା ଭଳି ଆପତ୍ତି ଜନକ ତଥା ସାମାଜିକ ଐକକୁ କ୍ଷୁର୍ଣ୍ଣକଲା ଭଳି ପୋଷ୍ଟ ଯୁବକ ଜଣକ କରିଥିଲା। ପୋଲିସ ଏନେଇ ବିଭିନ୍ନ ଲୋକଙ୍କ ଠାରୁ ଅଭିଯୋଗ ପାଇବାପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗନ୍ଧମାର୍ଦ୍ଦନ ବିଜ୍ଞାନ ଏକାଡେମୀର ବାର୍ଷିକ ବୈଠକ

**ପଦ୍ମପୁର, ୮।୪(ସମିସ):** ଗନ୍ଧମାର୍ଦ୍ଦନ ବିଜ୍ଞାନ ଏକାଡେମୀର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ଅଭିଭାବିକାମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. କାର୍ତ୍ତିକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ସାହୁ, ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡ. ବିରଞ୍ଚି ସାହୁ ଓ ପ୍ରାଣୀ ବିଭାଗର ଅଧ୍ୟାପିକା ତାପିନି ପଣ୍ଡା ଯୋଗଦାନ କରି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଗନ୍ଧମାର୍ଦ୍ଦନ ଏକାଡେମୀର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଜଗନ୍ନାଥ ଦାସ ଓ ଇତିଶ୍ରୀ ଦାଶ ଭଜନ ପରିବେଶଣ କରିଥିଲେ। ଡ. କାର୍ତିକ ପ୍ରଧାନ ଅନୁଷ୍ଠାନ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ବିକାଶ ହିଁ ଅନୁଷ୍ଠାନ ର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ ଏବଂ ଚଳିତ ଶିକ୍ଷାବର୍ଷ ଠାରୁ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକ ଅଭିଭାବିକା, ଛାତ୍ରଛାତ୍ରୀ ତଥା ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକାମାନେ ନିଜ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ।



# ଝାରସୁଗୁଡ଼ା ରୋଡ୍ ରେଳଷ୍ଟେସନରେ ମିଳୁନି ପିଇବା ପାଣି



**ଝାରସୁଗୁଡ଼ା, ୮।୪(ସମିସ)**

ଝାରସୁଗୁଡ଼ା ରୋଡ଼ ରେଳଷ୍ଟେସନରେ ପିଇବା ପାଣିର ଘୋର ଅଭାବ ଦେଖାଦେଇଛି। ପ୍ଲାଟଫର୍ମରେ ଥିବା ପାଣି କଳରେ ପାଣି ଆସୁ ନଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାରସୁଗୁଡ଼ା ଜଙ୍କସନ୍ ପୂର୍ବରୁ ଅନେକ ଟ୍ରେନ ରୋଡ଼ ରେଳ ଷ୍ଟେସନରେ ରହୁଛି। ଜଙ୍କସନ ଷ୍ଟେସନରେ ପ୍ଲାଟଫର୍ମ ଖାଲି ନ ଥିଲେ ଦୀର୍ଘ ସମୟ ଧରି ଯାତ୍ରୀବାହୀ ଟ୍ରେନ ଗୁଡ଼ିକ ରୋଡ଼ ରେଳଷ୍ଟେସନରେ ଛିଡ଼ା ହେଉଛି। ଯାତ୍ରୀମାନେ ପିଇବା ପାଣି ଆଣିବାକୁ ବୋତଲ ଧରି ପାଣିକଳକୁ ଦୌଡ଼ୁଥିବା ବେଳେ ପାଣି ନ ବାହାରିବରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଏନେଇ ବାରମ୍ବର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭଯୋଗ କଲେ ମଧ୍ୟ କୋଣସି ସୁଫଳ ମିଳୁ ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

## ସେମାନେ ଯାହା କହନ୍ତି

ଏତେ ଖରାରେ ଯାତ୍ରୀମାନେ ପିଇବା ପାଇଁ ପାଣିକଳକୁ ଯାଉଛନ୍ତି। ହେଲେ ସେଠାରେ ପାଣି ମିଳୁନାହିଁ। ପରିତାପର ବିଷୟ ଯେ ଲୋକଙ୍କୁ ପାଣି ଟୋପେ ରେଳବାଇ କର୍ତ୍ତୃପକ୍ଷ ଦେଇପାରୁ ନାହିଁ। ଏହାଠାରୁ ଆଉ ବିଡ଼ମ୍ବନା କଣ ଥାଇପାରେ।

**ରାଜୁ ବାରିକ, ଯାତ୍ରୀ**

ଝାରସୁଗୁଡ଼ା ସହରର ଦ୍ୱିତୀୟ ରେଳ ଷ୍ଟେସନରେ ପିଇବା ପାଣି ମିଳୁନି ଏହା ଦେଖି ଆଶ୍ଚର୍ଯ୍ୟ ଲାଗିଲା। ଲୋକମାନେ ପିଇବା ପାଣି ଷ୍ଟେସନରେ ପାଉନାହାନ୍ତି। ଯଦି କଳରେ ଆସୁନି ତେବେ କର୍ତ୍ତୃପକ୍ଷ ଜଳଛତ୍ରର ବ୍ୟବସ୍ଥା କରନ୍ତୁ।

**ପରମାନନ୍ଦ ମେହେର, ଯାତ୍ରୀ**

ବହୁତ ଦିନ ପରେ ଝାରସୁଗୁଡ଼ା ରୋଡ଼ ରେଳ ଷ୍ଟେସନ ଦେଇ ଯାତ୍ରା କରୁଛି। କେବଳ ୧ ନମ୍ବର ନୁହଁ ଅନ୍ୟ ପ୍ଲାଟଫର୍ମରେ ମଧ ପିଇବା ପାଣି ମିଳୁନାହିଁ ଏହା କଣ ରେଳବାଇକୁ ଦେଖା ଯାଉନି। ଝାରସୁଗୁଡ଼ା ରୋଡ଼ ରେଳ ଷ୍ଟେସନରର ବିକାଶର ଅବଶ୍ୟକତା ରହିଛି।

**ପ୍ରତୀକ୍ଷା ସାମଲ, ଯାତ୍ରୀ**

# ଛାତ୍ରୀଙ୍କ ଅକାଳ ବିୟୋଗରେ ଶୋକ



**କୋଲାବିରା, ୮।୪(ସମିସ):** କୋଲାବିରା ଯୁକ୍ତ ଦୁଇ କଲେଜ ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ରୀ ବସମୀତା ପଧାନଙ୍କ ଅକାଳ ବିୟୋଗରେ କଲେଜ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଅଧ୍ୟାପକ ମାନସ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ଶୋକଶଭା ଅନୁଷ୍ଠିତ ହୋଇଥିଲା। ଭରତ ପଟେଲ, ସୁନିଲ ହୋତା, ଦୀପକ ନାଏକ, ପ୍ରଦୀପ ସାହୁ, ସୁଷମା ପାଣ୍ଡେ, ରାଜେଶ ପଟେଲ, ମମତା ଉର୍ମା, ତପନ ସାହୁ, ସୁମିତ୍ରା ନାୟକ, ଅଶୋକ ପଟେଲ, ମୁକେଶ ନାୟକ, ରାମ ସାହୁ, ନରୋତ୍ତମ ମାଝୀ ଏବଂ ଗୋବିନ୍ଦ ବୁଦୁଲା ପ୍ରମୁଖ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେ ତାଙ୍କ ଘର ଦେବାଡିହିରେ ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି।

# ଏଣିକି ସମ୍ବଲପୁରୀ ପୋଷାକ

**ସମ୍ବଲପୁର, ୮।୪(ସମିସ)**

ରାଜ୍ୟରେ ହାତବୁଣା ବା ହସ୍ତତନ୍ତ ବସ୍ତ୍ରକୁ ଅଧିକ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଣିକି ସପ୍ତାହରେ ଗୋଟିଏ ଦିନ ସରକାରୀ କର୍ମଚାରୀମାନେ ସମ୍ବଲପୁରୀ କପଡ଼ାରେ ତିଆରି ପୋଷାକ ପରିଧାନ କରିବେ। ପ୍ରତି ସୋମବାର ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିବାକୁ କୁହାଯାଇଛି। ସରକାରଙ୍କ ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରିବାକୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଅଧିନରେ ଆସୁଥିବା ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି ଆର୍‌ଡିସି ଶ୍ରୀକାନ୍ତ ପୃଷ୍ଟି। ରାଜ୍ୟ ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଆଲୋଚନା ହେଉଛି। ସମ୍ବଲପୁରୀର ଚାହିଦା ଦେଶ ତଥା ଦେଶବାହାରେ ରହିଛି। ସରକାର ଏହାର ପ୍ରଚାରପ୍ରସାର ସହ ବୁଣାକାର, କାରିଗର ଓ ବ୍ୟବସାୟୀ ମାନଙ୍କୁ ବିଭିନ୍ନ ଯୋଜନାରେ ସହଯୋଗ କରିଆସୁଛନ୍ତି। ତେଣୁ ବୁଣାକାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏବେ ହାତବୁଣା ବସ୍ତ୍ରର ବ୍ୟବହାର ଏବଂ ବିକ୍ରି ଆହୁରି ବୃଦ୍ଧି ପାଇବ। ସରକାରଙ୍କର ପାରମ୍ପରିକ ଜ୍ଞାନକୌଶଳରେ ପ୍ରସ୍ତୁତ ଆମବସ୍ତ୍ରକୁ



ଆମେ ବ୍ୟବହାର କରିବା ଏବଂ ଏକ ଋଦ୍ଧିମନ୍ତ ପରମ୍ପରାକୁ ବଞ୍ଚାଇ ରଖିବା ବୋଲି ସମସ୍ତେ ଆଗଭର ହେଉଥିବା ଦେଖାଯାଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ପରିବାର ନିଜର ଜୀବନଜୀବିକାକୁ ଉନ୍ନତ କରିପାରିବେ। ସରକାରୀ କର୍ମଚାରୀମାନେ ସପ୍ତାହରେ ଥରେ ବସ୍ତ୍ର ପରିଧାନ କଲେ ସମ୍ବଲପୁରୀ ବସ୍ତ୍ରର ମାନ ବଢ଼ିବ, ପ୍ରଚାରପ୍ରସାର ହେବ। ହସ୍ତତନ୍ତ ଓ ହାତବୁଣା ବସ୍ତ୍ରର ବୃଦ୍ଧି କରାଗଲେ ହସ୍ତତନ୍ତର ବଜାର ସ୍ଥିତିକୁ ଆହୁରି ସୁବିଧା ହେବ। ପାରମ୍ପରିକ ଜ୍ଞାନକୌଶଳରେ ପ୍ରସ୍ତୁତ ଆମ

**ଜିଲ୍ଲାପାଳ ମାନଙ୍କୁ ଚିଠିକଲେ ଆର୍‌ଡିସି**

ବସ୍ତ୍ରକୁ ଆମେ ବ୍ୟବହାର କରିବା। ଲକ୍ଷ ଲକ୍ଷ ପରିବାରକୁ ରୋଜଗାର ପାଇବେ। କେତେକ ରାଜ୍ୟ ଖଦିର ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ସେହିପରି ରାଜ୍ୟରେ ହସ୍ତତନ୍ତ ଓ ହାତବୁଣା ସମ୍ବଲପୁରୀ ବସ୍ତ୍ରର ବ୍ୟବହାରକୁ ବୃଦ୍ଧି ପାଇଁ ଯୋଜନା କରାଯାଇଛି। ଏହା ପରମ୍ପରା, ଐତିହ୍ୟ ଓ ଅର୍ଥନୀତିକୁ ସୁଦୃଢ କରିବ। ସମ୍ବଲପୁରୀ କପଡ଼ାରେ କେବଳ ବସ୍ତ୍ର ହେଉନାହିଁ। ଘର କରଣା ପରଦା, ବିଛଣା ଚାଦର, ଟେବୁଲ୍ କ୍ଲଥ୍, ଲୁଙ୍ଗି, ଫାଲଟା, ଗାମୁଛା ପ୍ରଭୃତି ତିଆରି ହେଉଛି। ଆମ ଐତିହ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ଓ କାରିଗରୀକୁ ବ୍ୟକ୍ତିଗତ ସ୍ତରରେ ଯଥାସମ୍ଭବ ପ୍ରୋତ୍ସାହିତ କରିବା। ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କୁ ହାତବୁଣା ପୋଷାକ ଓ ଶାଢ଼ୀ ପିନ୍ଧିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହାର ସୁଫଳ ନିଶ୍ଚୟ ମିଳିବ। ଏବେ ସମ୍ବଲପୁରୀ ବୁଣାକାରମାନଙ୍କର ଉନ୍ନତ କଳାକୌଶଳକୁ ବିଶ୍ୱସ୍ତରୀୟ ସମ୍ମାନ ମିଳୁଛି। ଆମର ବିଭିନ୍ନ ପର୍ବପର୍ବାଣୀ ସହିତ ନୂଆଁଖାଇ ସମୟରେ ସମ୍ବଲପୁରୀ କପଡ଼ାର ବହୁଳ ବ୍ୟବହାର ହୋଇଆସୁଛି। ଏହାସହ ବିବାହ ସମୟରେ ମଧ୍ୟ ଅଧିକ ଚାହିଦା ରହିଛି। ଆଜିକାଲି ସାଂସଦ, ବିଧାୟକ, ମନ୍ତ୍ରୀ, ଉଦ୍ୟୋଗପତି ଆଧୁନିକ ଢଙ୍ଗରେ ନିର୍ମିତ ପାରମ୍ପରିକ ଆଧୁନିକ ଡିଜାଇନରେ ତିଆରି ସମ୍ବଲପୁରୀ ପୋଷାକ ବ୍ୟବହାର କରୁଛନ୍ତି।

**ସଇଁତଳାରେ ସାଂସଦ ପ୍ରାର୍ଥୀ**

# ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ସମ୍ବର୍ଦ୍ଧନା

**ସଇନ୍ତଳା, ୮।୪(ସମିସ):** ସଇଁତଳାରେ ବିଜେଡି ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ସନ୍ଧ୍ୟାରେ ସଇଁତଳାସ୍ଥିତ




ଡୁମାଲପଡ଼ାଠାରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ଟୁକୁନି ସାହୁ ଓ ବହୁ ବିଜେଡି କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସଇଁତଳା ଇଷ୍ଟଦେବୀ ଚଣ୍ଡେଶ୍ୱରୀ ମନ୍ଦିର ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ସହର ପରିକ୍ରମା ହୋଇଥିଲା। ଏହା ପରେ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ବାସଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ଟୁନୁ ରାଜପଳିଆ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ସଂଗଠନ ପକ୍ଷରୁ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଜେଡି ଜିଲ୍ଲା ଉପସଭାପତି ସୁରେନ୍ଦ୍ର ସାହୁ, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ଶ୍ରୀ ସିଂ ଭୋଇଙ୍କ ଦୁଇ ପୁତ୍ର ଶୋଭେନ ସିଂ ଭୋଇ, ସିମ୍ରନରନ ସିଂ ଭୋଇ, ବିଜେଡି ନେତା ଗୁଣସାଗର ମାଝୀ, ସୁବ୍ରତ ବେହେରା, ଅମିତ ରଥ, ରାଜେଶ ବେହେରା, ସଇଁତଳା ସରପଞ୍ଚ ସୁବ୍ରତ ନାଗଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ଓ ଜନସାଧାରଣ ସାମିଲ ହୋଇଥିଲେ।

# ଏକଟଙ୍କିଆ କ୍ଲିନିକ୍‌କୁ ମେଡିସିନ୍ ପାଇଁ ୫୦ ହଜାର ଦାନକଲେ ସମାଜସେବୀ

**ବୁର୍ଲା, ୮।୪(ସମିସ):** ବୁର୍ଲାର ଜଣାଶୁଣା ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଏକଟଙ୍କିଆ କ୍ଲିନିକ୍‌କୁ ଜଣେ ସମାଜସେବୀ ମହିଳା ପରିଣତ ବୟସରେ ୫୦ହଜାର ଟଙ୍କା ଦାନ କରିଛନ୍ତି। ଏକଟଙ୍କିଆ କ୍ଲିନିକ୍‌କୁ ଆସୁଥିବା ଗରିବ ରୋଗୀଙ୍କୁ ଏହି ଟଙ୍କାରେ ମାଗଣାରେ ଔଷଧ ଯୋଗାଇ ଦେବା ପାଇଁ ସେ ଅନୁରୋଧ କରିଛନ୍ତି। ତେବେ ପରିଣତ ବୟସରେ ମହିଳାଙ୍କ ଏପରି କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି।



ସୂଚନା ଅନୁସାରେ ସମ୍ବଲପୁରର ସ୍ୱର୍ଗତ ଡାକ୍ତର ପ୍ରଭାକର ପଣ୍ଡାଙ୍କ ପତ୍ନୀ ଜଣାଶୁଣା ସମାଜସେବୀ ସଂଯୁକ୍ତା ପଣ୍ଡା ଆଜି ବୁର୍ଲା ଗସ୍ତ କରି ଏକଟଙ୍କିଆ କ୍ଲିନିକ୍‌ର ପରିଚାଳକ ତଥା ପ୍ରତିଷ୍ଠାତା ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଘରକୁ ଯାଇଥିଲେ। ରାମଚନ୍ଦାନୀଙ୍କ ଏହି ସେବା ବାବଦରେ ପୂର୍ବରୁ ଶୁଣି ଆସୁଥିବାବେଳେ ପ୍ରତ୍ୟକ୍ଷ ଭାବରେ ଅଭିଭୂତ ହୋଇଥିଲେ। ତେବେ ସେଠାକୁ ଆସୁଥିବା ରୋଗୀଙ୍କ ପାଇଁ ମେଡିସିନ ସରିଯାଇଥିବା ଜାଣିବାକୁ ପାଇ ଶ୍ରୀମତୀ ପଣ୍ଡା ୫୦ହଜାର ଟଙ୍କା ଦାନ କରି ମେଡିସିନ କିଣି ଗରିବ ରୋଗୀଙ୍କୁ ବାଣ୍ଟିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଟଙ୍କା ଦାନ ସେବା କ୍ଷେତ୍ରରେ ଆହୁରି ପ୍ରେରଣା ଯୋଗାଇବ ବୋଲି ଡାକ୍ତର ରାମଚନ୍ଦାନୀ କହିଛନ୍ତି।

# ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ୯୦୦ ବିଦ୍ୟୁତ୍ ସେବା କେନ୍ଦ୍ର ସ୍ଥାପନ ହେବ; ଟିପିଡବ୍ଲ୍ୟୁଓଡିଏଲ୍

**ସମ୍ବଲପୁର, ୮।୪ (ସମିସ):** ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିରତକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଏହାର ବିତରଣ ପରିସରଭୁକ୍ତ ୯ ଗୋଟି ଜିଲ୍ଲାରେ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ସହ ଗ୍ରାହକ ସେବା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷପ ଗ୍ରହଣ କରିଛି। ଏହି କ୍ରମରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ଗ୍ରାହକଙ୍କ ସନ୍ତୁଷ୍ଟି ଲାଗି ୯ଟି ଜିଲ୍ଲାରେ ୯୦୦ ବିଦ୍ୟୁତ୍ ସେବା କେନ୍ଦ୍ର ସ୍ଥାପନ କରିବାର ଲକ୍ଷ୍ୟ ରଖିଛି। ଯାହା ମଧ୍ୟରୁ ଏପର୍ଯ୍ୟନ୍ତ ୪୫୦ ଗ୍ରାହକ ସେବା କେନ୍ଦ୍ର ପ୍ରତିଷ୍ଠା ତଥା ପୁନରୁଦ୍ଧାର ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଆଗାମୀ ଦିନରେ ବଳକା ୪୫୦ କେନ୍ଦ୍ରକୁ ଖୁବଶୀଘ୍ର ସ୍ଥାପନ କରିବା ନେଇ ଟିପିଡବ୍ଲୁଓଡିଏଲ୍ ସୂଚନା ଦେଇଛି। ଏହି ଗ୍ରାହକ ସେବା କେନ୍ଦ୍ର ହେଉଛି ବିଗତ ଦିନରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (ଓ.ଏସ୍.ଇ.ବି)ର ଦ୍ୱାରା ପରିଚାଳିତ ହେଉଥିବା ତଥା ବର୍ତ୍ତମାନ ବିଲୁପ୍ତ ହୋଇ ସାରିଥିବା ଫ୍ୟୁଜ୍ କେଲ୍ ସେଣ୍ଟର୍ ଗୁଡ଼ିକର ରୂପାନ୍ତରିତ ଛବି। ଯାହାକୁ ଟିପିଡବ୍ଲୁଓଡିଏଲ୍ ରୂପାନ୍ତରିତ ତଥା ପୁନଃଗଠିତ କରି ଏଥିରେ ଆଧୁନିକ ଜ୍ଞାନ କୌଶଳ ଖଞ୍ଜିଛି। ୨୪ ଘଣ୍ଟିଆ ଏହି ଗ୍ରାହକ ସେବା କେନ୍ଦ୍ର ଗୁଡ଼ିକୁ ପରିଚାଳିତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ବିଭିନ୍ନ କର୍ମଚାରୀମାନଙ୍କୁ ନିୟୋଜିତ କରୁଛି। ଯେଉଁମାନଙ୍କ ମଧ୍ୟରେ ଜଣେ ବରିଷ୍ଠ ଲାଇନ ମେନ୍ ଏବଂ ତିନି ଜଣ ହେଲ୍ପର ଉପସ୍ଥିତ ରହୁଛନ୍ତି। ସେହିପରି କାର୍ଯ୍ୟକ୍ଷମ ହୋଇ ସାରିଥିବା ସମସ୍ତ ବିଦ୍ୟୁତ୍ ସେବା କେନ୍ଦ୍ର ଗୁଡ଼ିକରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଏକ 'ହଟ୍ ଲାଇନ୍' ଫୋନ କଲର ବ୍ୟବସ୍ଥା କରାଯାଇଛି। ଯାହା ସାହାଯ୍ୟରେ ବିଦ୍ୟୁତ୍ ଗ୍ରାହକମାନେ ସିଧାସଳକ ସେମାନଙ୍କର ଅଭିଯୋଗ ତଥା ଅନୁସନ୍ଧାନକୁ ଟିପିଡବ୍ଲୁଓଡିଏଲର କଲ ସେଣ୍ଟରରେ ପଞ୍ଜିକୃତ ତଥା ସମାଧାନ କରାଇପାରିବେ। ସେହିପରି ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ତଥା ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ଜନିତ କୌଣସି ସମସ୍ୟା ହେଲେ ତତକ୍ଷଣାତ୍ ବିଦ୍ୟୁତ୍ ଉପଭୋକ୍ତା ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ରକୁ ସମ୍ପର୍କ କରି ସମସ୍ୟାର ସମାଧାନ କରାଇପାରିବେ। ଏଥି ନିମନ୍ତେ ପ୍ରତି ଗ୍ରାହକସେବା କେନ୍ଦ୍ର ଗୁଡ଼ିକରେ ସମସ୍ତ ସର୍ବନିମ୍ନ ବିଦ୍ୟୁତ୍ ମରାମତି ଉପକରଣ ଗଚ୍ଛିତ ରଖାଯାଇଛି। ଏହି ବିଦ୍ୟୁତ୍ ସେବା କେନ୍ଦ୍ର ଗୁଡ଼ିକ ଦୂରରୁ ଦୃଶ୍ୟମାନ ହେବା ଲାଗି ଆଧୁନିକ ନାମଫଳକର ବ୍ୟବସ୍ଥା କରାଯାଉଛି। ବିଦ୍ୟୁତ୍ ପ୍ରଦାନକାରୀ ସଂସ୍ଥା ଏବଂ ଗ୍ରାହକଙ୍କ ମଧ୍ୟରେ ଦୂରତାକୁ ହ୍ରାସ କରିବା ଦିଗରେ ଏହା ଏକ ଅଭିନବ ପ୍ରଚେଷ୍ଟା। କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ଗଜାନନ୍ କାଲେଙ୍କ କହିବା ଅନୁଯାଇ, ବିଦ୍ୟୁତ୍ ସେବା କେନ୍ଦ୍ର ସ୍ଥାପନ ଦ୍ୱାରା ଗ୍ରାହକ ସେବାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଗ୍ରାହକଙ୍କ ଆଶା ଓ ଅଭିଳାଷ ସାକାର କରିବା ଦିଗରେ ଏହା ସହାୟକ ହେବ।

## ଇସ୍ତଫା ଦେଲେ ନାରାୟଣ, ଶାନ୍ତି

**ବୀରମହାରାଜପୁର, ୮।୪(ସମିସ):** ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା ଓ ଉପାଧ୍ୟକ୍ଷ ନାରାୟଣ ଲୁହା ବିଜେଡିର ପଦ ପଦବୀ ଓ ପ୍ରାଥମିକ ସଦସ୍ୟରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ବୀରମହାରାଜପୁର ବିଧାୟକ ଟିକଟ ଆଶାୟୀ ଥିଲେ। ଜନମତ ସର୍ଭେ ନାରାୟଣଙ୍କ ସପକ୍ଷରେ ନ ଥିବାରୁ ତାଙ୍କର ଟିକଟ କଟିଲା ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଜେଡି ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ ଏହା କୌଣସି ପ୍ରଭାବ ପଡ଼ିବ ନାହିଁ। ଦଳ ଛାଡିଥିବା ବୋଲି ପ୍ରକାଶ କରିଥିବା ଅଧିକାଂଶ ଲୋକ ବିଜେଡିର ପ୍ରାଥମିକ ସଦସ୍ୟ ନ ଥିଲେ ବୋଲି ଶ୍ରୀ ଖଣ୍ଡଗିରି ପ୍ରକାଶ କରିଛନ୍ତି।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**କଣ୍ଟାବାଞ୍ଜି, ୮।୪(ସମିସ):** ଶିଶୁ ସୁନାନୀ ହତ୍ୟା ଘଟଣାରେ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ କଣ୍ଟାବାଞ୍ଜି ଏଡିଜେ କୋର୍ଟ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଲାଠୋର ଥାନା ସୁନାମୁଦି ଗାଁର ଲଳିତ ହଂସ। ସୂଚନାଯୋଗ୍ୟ ଯେ ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ସୁନାମୁଦି ଗାଁର ଶିଶୁ ସୁନାନି ବିବାହ ପରେ ଶଶୁର ଘର ବୁଢ଼ାଛପର ଗାଁରେ ରହୁଥିଲେ। କୌଣସି କଥାକୁ ନେଇ ଶିଶୁ ସୁନାନୀଙ୍କ ସହିତ ଲଳିତ ହଂସ ଓ ମଦନ ବାଗଙ୍କ ମତାନ୍ତର ହୋଇଥିଲା। ଗତ ୨୦୨୨ ମସିହା ଏପ୍ରିଲ ୧୫ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶିଶୁଙ୍କୁ ତୁରେକେଲା ଥାନା ଅନ୍ତର୍ଗତ ମହୁଲପାଟି ଗାଁର ଘଞ୍ଚ ଜଙ୍ଗଲରେ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଏକ ଗଛରେ ଟାଙ୍ଗି ଦେଇଥିଲା ଅଭିଯୁକ୍ତ। ତୁରେକେଲା ପୁଲିସର ତଦନ୍ତ ପରେ ଲଳିତ ହଂସ ଓ ମଦନ ବାଗକୁ ଗିରଫ କରାଯାଇଥିଲା। ପୁଲିସର ଚାର୍ଜସିଟ୍ ଓ ସାକ୍ଷ୍ୟ ପ୍ରମାଣ ପରେ ଆଜି ହତ୍ୟାକାରୀ ଲଳିତ ହଂସକୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେପଟେ ଗିରଫ ହୋଇଥିବା ମଦନ ବାଗ ଏହି ଘଟଣାରେ ହତ୍ୟା କରିଥିବା ନେଇ କୌଣସି ପ୍ରମାଣ ନ ମିଳିବାରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କୋର୍ଟ।

## ବଢୁଛି ତାତି; ଖୋଲୁନି ଜଳଛତ୍ର

**ତୁଷୁରା, ୮।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ସରକାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସବୁବେଳେ ପ୍ରାଧାନ୍ୟ ଦେଇ ସତର୍କ ସୂଚନା ଜାରି କରିଛନ୍ତି। ତେବେ ତୁଷୁରା ସହରରେ ଦେଖିବାକୁ ମିଳିଛି ଓଲଟା ଚିତ୍ର। ବର୍ତ୍ତମାନ ତୁଷୁରା ସହରରେ ପାରଦ ୪୨ ଡିଗ୍ରୀ ଉପରେ ରହୁଥିବାରୁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। କାଳବୈଶାଖୀ ପ୍ରଭାବରେ ମେଘୁଆ ପାଗ ସହ ଝଡ଼ ତୋଫାନ ହେଉଥିଲେ ମଧ୍ୟ ଲୋକେ ଗରମରୁ ମୁକ୍ତି ପାଇପାରୁ ନାହାଁନ୍ତି। ତୁଷୁରା ସହର ଗୋଟିଏ ବ୍ୟବସାୟର କେନ୍ଦ୍ରବିନ୍ଦୁ ଥିବାରୁ ଏଠାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକେ ଆସୁଛନ୍ତି। ଆଖପାଖରୁ ଅଧିକାଂଶ ଲୋକେ ସାଇକେଲ ଓ ଚାଲି ଚାଲି ତୁଷୁରା ବଜାରକୁ ଆସିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତୁଷୁରା ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲି ନଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଜଳଛତ୍ର ଖୋଲି ଲୋକଙ୍କୁ ପାଣି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ନୂଆପାଲିରେ ବନ୍ଦହେଲା ବାଲ୍ୟ ବିବାହ



**ବୌଦ୍ଧ, ୮।୪(ସମିସ):** ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ନୂଆପାଲି ଗ୍ରାମ ଚାଲିଥିବା ଏକ ବାଲ୍ୟ ବିବାହକୁ ବୌଦ୍ଧ ଚାଇଲ୍ଡ ଲାଇନ ରୋକିବାରେ ସଫଳ ହୋଇଛି। ସୂଚନା ପାଇବା ପରେ ତୁରନ୍ତ ଚାଇଲ୍ଡ ଲାଇନ୍ ନୂଆପାଲିରେ ପହଞ୍ଚି ଜଣେ ୧୭ ବର୍ଷୀୟା ନାବାଳିକାକୁ ଉଦ୍ଧାର କାରିଛି। କଣ୍ଟାମାଳ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରୀଣୀ ଜ୍ୟୋତ୍ସ୍ନାରାଣୀ ପାଢ଼ୀ, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନ୍ ପ୍ରକଳ୍ପ ସଂଯୋଜକ ବିନୋଦ ସାହୁ ଓ ସୁପରଭାଇଜର ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ନୂଆପାଲି ଗ୍ରାମରେ ଚଢଉ କରିଥିଲେ। ଉଦ୍ଧାର ନାବାଳିକାଙ୍କୁ ବୌଦ୍ଧ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ଆଦେଶ କ୍ରମେ ନାବାଳିକାଙ୍କୁ ଅସ୍ଥାୟୀ ଭାବେ ୱାନ୍ ଷ୍ଟପ୍ ସେଣ୍ଟରରେ ରଖାଯାଇଛି। ମଙ୍ଗଳବାର ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ ପ୍ରକାରେ ନାବାଳିକାଙ୍କୁ ଥଇଥାନ କରାଯିବ।

# ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ସମ୍ବଲପୁର, ୮।୪(ସମିସ):** ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଢୋରୋପାଣି ଉଚ୍ଚ ବିଦ୍ୟାଳୟ ଓ ବୋମଲୋଇ ସେବାଶ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହ ସହବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଛି। ୧୦୫ ଜଣ ଛାତ୍ରମାନଙ୍କର ସ୍କ୍ରିନିଂ ଏବଂ ମାଗଣା ଔଷଧପତ୍ର ପ୍ରଦାନ କରାଯାଇଥିଲା। କ୍ୟାମ୍ପରେ ବ୍ଲଡ୍ ଗ୍ରୁପିଂ ପରୀକ୍ଷା ସୁବିଧା ମଧ୍ୟ ଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡ. ଦେବସ୍ମିତା ସେନାପତି (ଆଦିତ୍ୟ ଆଲୁମିନିୟମ), ଡ.ରାମ ନାରାୟଣ ସାହୁ (ଅବସରପ୍ରାପ୍ତ ), ଶ୍ୱେତା ଉପାଧ୍ୟାୟ (ମୁଖ୍ୟ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ) ଯୋଗ ଦେଇଥିଲେ। ଅନ୍ୟ ଅତିଥି ଗଣ ମଧ୍ୟରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ (ପ୍ରଧାନ ଶିକ୍ଷକ, ଢୋରୋପାଣି ଉଚ୍ଚ ବିଦ୍ୟାଳୟ ) ମନୋରଞ୍ଜନ ବେହେରା (ଉପ ପ୍ରବନ୍ଧକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ) ଓ ଅଞ୍ଜଳି କୁମାରୀ ନାୟକ (ପ୍ରଧାନ ଶିକ୍ଷୟତ୍ରୀ, ବୋମାଲୋଇ) ଉପସ୍ଥିତ ଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିଷ୍ଠା ଦିବସରେ ପ୍ରତିବର୍ଷ ୭ ଏପ୍ରିଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ ବିଶ୍ୱରେ ଲୋକଙ୍କ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ସୁସ୍ଥ ଜୀବନ ଯାପନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା।



ପ୍ରତିବର୍ଷ ଏହା ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ଉପରେ ଧ୍ୟାନ ଆକର୍ଷଣ କରିଥାଏ। ଚଳିତ ବର୍ଷର ବିଷୟ ବସ୍ତୁ ହେଉଛି ମୋର ସ୍ୱାସ୍ଥ୍ୟ, ମୋର ଅଧିକାର। ଏହି ବର୍ଷର ବିଷୟବସ୍ତୁ ସହ ମାନବିକ ଅଧିକାର ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ସୂଚନା ସହ ଜଡ଼ିତ। ଶିବିର ପରେ ଏକ ସଚେତନତା ଅଧିବେଶନ କରାଯାଇଥିଲା। ଯୋଗ, ବ୍ୟାୟାମ, ଭଲ ସନ୍ତୁଳିତ ଖାଦ୍ୟ, ସ୍ୱଚ୍ଛତା, ସୁସ୍ଥ ଜୀବନ ଶୈଳୀ, ପରିବେଶ ସ୍ୱଚ୍ଛତା, ହାତ ଧୋଇବା ଇତ୍ୟାଦି ସ୍ୱାସ୍ଥ୍ୟଗତ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମରେ ପ୍ରବର୍ତ୍ତିତ ହୋଇଥିଲା। ସ୍ୱାସ୍ଥ୍ୟ ପ୍ରତ୍ୟେକ ମଣିଷର ଏକ ମୌଳିକ ଅଧିକାର। ସୂଚନାଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସମ୍ବିଧାନ (୧୯୪୮)ରେ ମାନବିକ ଅଧିକାର ଭାବରେ ପଞ୍ଜୀକୃତ, ସ୍ୱାସ୍ଥ୍ୟ, ଅଧିକାର, ଜୀବନ, ଖାଦ୍ୟ, ଗୃହ, କାର୍ଯ୍ୟ, ଶିକ୍ଷା, ଗୋପନୀୟତା, ପ୍ରବେଶ ଅଧିକାର ସହିତ ଅନ୍ୟାନ୍ୟ ମାନବିକ ଅଧିକାର ମଧ୍ୟ ଧାର୍ଯ୍ୟ। ସୂଚନା, ନିର୍ଯାତନାରୁ ମୁକ୍ତି ଏବଂ ସଙ୍ଗଠନ, ସଭା ଏବଂ ଆନ୍ଦୋଳନର ସ୍ୱାଧୀନତା ଏଥିରେ ଗୁଣବତ୍ତା, ସମୟାନୁବର୍ତ୍ତୀ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସହ ସ୍ୱାସ୍ଥ୍ୟର ଅନ୍ତର୍ନିହିତ ନିର୍ଣ୍ଣୟକାରୀଙ୍କ ପାଇଁ ପ୍ରବେଶ ଅନ୍ତର୍ଭୁକ୍ତ। ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# କଳାର ସମାଜର ବାର୍ଷିକ ବୈଠକ

**କଣ୍ଟାବାଞ୍ଜି, ୮।୪(ସମିସ):** ତୁରକେଲା ବ୍ଲକ କାନ୍ଧବହାଲଠାରେ ପାଟଣାରାଜ ଦଣ୍ଡସେନା କଳାର ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରେଶ ଚନ୍ଦ୍ର ନେଓରାଙ୍କ ସଭାପତିତ୍ୱରେ ଆୟୋଜିତ ପାଟଣାରାଜ କଳାର ସମ୍ପାଦକ ଖଗେଶ୍ୱର ଦଣ୍ଡସେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ପାଟଣାରାଜ ଅଞ୍ଚଳରେ ବସବାସ କରୁଥିବା କଳାର ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ନାରୀ ଶିକ୍ଷାର ବିକାଶ ସହିତ ସମାଜରୁ କୁସଂସ୍କାର ଦୂର କରିବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। କୋଷାଧ୍ୟକ୍ଷ ରାଜେଶ ନେଓରା ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଯୋଗେଶ୍ୱର ସୁନାନୀ, ରମେଶ ନେଓରା, ଆଶିଷ ନେଓରା, ଜୟଲାଲ ଦଣ୍ଡସେନା, ମାୟାରାମ ଦଣ୍ଡସେନା, ଦୁର୍ଯ୍ୟୋଧନ ଦଣ୍ଡସେନା, ଡିଙ୍ଗର ନେଓରା, ମୋହନ ନେଓରା, ପ୍ରଦୀପ ନେଓରା, ବିଶ୍ୱମ୍ବର ଦଣ୍ଡସେନା, ଧନସିଂହ ଦଣ୍ଡସେନା, ପୁରନ୍ଦର ନେଓରା, ଭାଗିରଥି ସାହାଡ଼ା, ମନବୋଧ ଦଣ୍ଡସେନା, ସୁନୀଲ ନେଓରା, କବିରାଜ ଦଣ୍ଡସେନା, ମହେଶ୍ୱର ଦଣ୍ଡସେନା, ଜୟଲାଲ ଦଣ୍ଡସେନା, ରଞ୍ଜିତ ଦଣ୍ଡସେନା, ଲୋକେଶ୍ୱର ସୁନାନୀ, ପରମେଶ୍ୱର ସୁନାନୀ, ରାଜକୁମାର ଦଣ୍ଡସେନା, ରୋଶନ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।



# ୪ ମାସ ହେଲା ଅଚଳ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ବୌଦ୍ଧ, ୮।୪(ସମିସ)**

ସରକାର ଗ୍ରାମାଞ୍ଚଳର ଜନଗହଳି ସ୍ଥାନ ଓ ମୁଖ୍ୟ ଛକ ନିକଟରେ ପଥଚାରୀଙ୍କ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ

**ମରାମତି ନାଁରେ ଲକ୍ଷେ ସ୍ୱାହା**

ଦାୟିତ୍ୱହୀନତା ଯୋଗୁଁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର କିଛି ଦିନ ପରେ ପ୍ରକଳ୍ପ ଅକାମି ହୋଇ ପଡ଼ିଛି। ବୌଦ୍ଧ ବ୍ଲକ ମୃଗୁଣି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଏଭଳି ଅବସ୍ଥା।

୨୦୧୫-୧୬ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ୨ ଲକ୍ଷ ୬୬ ହଜାର ବ୍ୟୟ ଅଟକଳରେ ପଥଚାରୀଙ୍କ ସୁବିଧା ପାଇଁ ଏହି ଛକରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ଛକ ଉପରେ ଅଲଣିଆ, ଗିରାସିଙ୍ଗା, ଖରମୁଣ୍ଡା, ଲୁଣ୍ଡାବେରେଣି ଆଦି ଗ୍ରାମର ଲୋକେ ନିର୍ଭରଶୀଳ। ଏଠାରେ ବ୍ଲକ କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ ଓ ଗ୍ରାମ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ରହିଛି। ଏଣୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଆସି ଏହି ଛକରେ ବସ୍‌କୁ ଅପେକ୍ଷା କରନ୍ତି। ଶୋଷ ହେଲେ ଏହି ପାନୀୟ ଜଳ ପ୍ରକଳ୍ପରୁ ପାଣି ପିଇଥାନ୍ତି; କିନ୍ତୁ ଏହି ପ୍ରକଳ୍ପ ନିର୍ମାଣର କିଛି ବର୍ଷ ଚାଲିବା ପରେ ଦୀର୍ଘ ଦିନ ହେଲା ଅକାମି ହୋଇ ପଡ଼ିଥିଲା। ନିକଟରେ




ପ୍ରାୟ ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାକୁ ମରାମତି କରାଯାଇଥିଲା; କିଛି ମାସ ଚାଲିବା ପରେ ୪ ମାସ ହେଲାଣି ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିଲେ ହେଁ ପଞ୍ଚାୟତ ପକ୍ଷରୁ ମଧ୍ୟ ଏଠାରେ ଜଳଛତ୍ର ଖୋଲାଯାଇନାହିଁ। ଏହା ଫଳରେ ଏହି ଛକ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ପାଣି ମୁନ୍ଦିଏ ପାଇଁ ତହକ ବିକଳ ହେଉଛନ୍ତି। ବୌଦ୍ଧ ବ୍ଲକ ସଦର ମହକୁମା ତଥା ୫୭ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପ୍ରକଳ୍ପର ଯଦି ଏଭଳି ଅବସ୍ଥା ତେବେ ବୌଦ୍ଧ ବ୍ଲକ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଅବସ୍ଥା କିପରି ଥିବ ଏଥିରୁ ଜଳ ଜଳ ଦିଶୁଛି।

